# ସମସ୍ୟା ଘେରରେ ରଙ୍ଗିଆଟିକ୍ରା ଗ୍ରାମବାସୀ

**ସମ୍ବଲପୁର, ୩୦।୬(ସମିସ)**

ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଥିବା ଗ୍ରାମବାସୀଙ୍କ ଜୀବନ ଅଭିଶପ୍ତ ହେବା ଭଳି ହୋଇଯାଇଛି। ସାମାନ୍ୟ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ଏସ୍‌ଏମସି ୪୦ ନମ୍ବର ୱାର୍ଡ ରାଙ୍ଗିଆଟିକ୍ରା ଗ୍ରାମବାସୀ। ବିଭିନ୍ନ ସମସ୍ୟା ଘେରରେ ବସବାସ କରୁଛନ୍ତି। ଅନେକ ସରକାରୀ ଯୋଜନା ଓ ସୁବିଧା ତାଙ୍କପାଇଁ ବାଟବଣା ହୋଇ ପଡ଼ିଛି।



ଗୁହାରି କଲେ କେହି ଶୁଣୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଗ୍ରାମ ମାନେଶ୍ୱର ପଞ୍ଚାୟତ ଅଧିନରେ ରହିଥିଲା। କଣ୍ଡରାପାଟ ପାହାଡ଼ ତଳେ ଅବସ୍ଥିତ ପ୍ରାକୃତିକ ପରିବେଶ ଭରା ଗ୍ରାମ। ଦିନ ମଜୁରିଆ ତ କିଏ ଅନ୍ୟ କ୍ଷେତରେ କାମକରି ପରିବାର ଭରଣ ପୋଷଣ କରୁଛନ୍ତି। ହରିଜନ ପଡ଼ା, ତଳିପଡ଼ା ଓ ଓରାମପଡ଼ାକୁ ମିଶାଇ ପ୍ରାୟ ୧୦୦ରୁ ଅଧିକ ପରିବାର ବସବାସ କରି ଆସୁଛନ୍ତି। ଗାଁକୁ ପ୍ରବେଶ କରୁଥିବା ରାସ୍ତା ଖାଲ ଖମାରେ ଭର୍ତ୍ତି, ବର୍ଷାଦିନେ ଲୋକଙ୍କୁ ସଂଘର୍ଷ କରି ଯିବାକୁ ପଡ଼ିଥାଏ। ଗ୍ରାମବାସୀଙ୍କ କହିବା ଅନୁସାରେ ମହାନଗରରେ ସାମିଲ ହେବାପରେ ଏଥିରୁ ମିଳୁଥିବା





■ ପାଣି ଟ୍ୟାପ୍ ଖୋଲିଲେ ବାହାରୁଛି ପବନ
■ ମହାନଗରରେ ମୌଳିକ ସୁବିଧା ଅପହଞ୍ଚ

ସୁବିଧା ବିଷୟରେ ଶୁଣି ଲୋକେ ବେଶ୍ ଉତ୍ସାହିତ ହୋଇଥିଲେ। ଦୀର୍ଘ ଦିନର ସମସ୍ୟାରୁ ମୁକ୍ତି ମିଳିବ ବୋଲି ଆଶା ବାନ୍ଧିଥିଲେ। ହେଲେ ସେମାନଙ୍କ ଆଶା ଆଶାରେ ରହିଗଲା। କାଗଜ ପତ୍ରରେ ମହାନଗର ନିଗମ ଘୋଷଣା ସୀମିତ ରହିଗଲା ବିକାଶ ହୋଇଗଲା ଅପହଞ୍ଚ। ତିନିବର୍ଷ ପୂର୍ବରୁ ଗାଁରେ ପାନୀୟ ଜଳ ପାଇଁ ପାଇପ ବିଛା ଯାଇଥିଲା, ଘରପ୍ରତି ପାଣିଟେପ୍ ମଧ ଲଗାଗଲା କିନ୍ତୁ ଟେପ୍ ଖୋଲିଲେ ପାଣି ବଦଳରେ ପବନ ବାହାରୁଛି। ଗାଁ ମଝିରେ ଥିବା ନଳକୂପ ୩ ମାସ ହେଲାଣି ବନ୍ଦ ପଡ଼ିଛି। ଲୋକେ ବର୍ଷସାରା ନଳିଆର ଦୂଷିତ ପାଣି ଉପରେ ନିର୍ଭର କରିଥାନ୍ତି। ଗାଧୋଇବା ଠୁ ପିଇବା ପର୍ଯ୍ୟନ୍ତ ସେହି ଗୋଟିଏ ପାଣି। ପାଣି ଆଣିବା ପାଇଁ ଲୋକଙ୍କୁ ୧ କିମି ଅତିକ୍ରମ କରିବାକୁ ପଡୁଛି। ଶୌଚାଳୟ ଟିଏ ଛୋଟ ଶିଶୁ, ମହିଳା, ବୃଦ୍ଧ ସମସ୍ତେ ଖୋଲା ପଡ଼ିଆକୁ ଶୌଚ ପାଇଁ ଯାଉଛନ୍ତି। ଗାଁର ଅନେକ ଷ୍ଟ୍ରିଟ ଲାଇଟ୍ ବନ୍ଦ ପଡ଼ିଛି। ଅଭିଯୋଗ ପରେ ବି ମରାମତି ପାଇଁ ବର୍ଷ ବିତିଯାଇଛି ହେଲେ ଷ୍ଟ୍ରୀଟ ଲାଇଟ୍ ଜଳୁନାହିଁ। ମହାନଗରର ନିୟୋଜିତ ଥିବା ସଫେଇ କର୍ମଚାରୀ ନିୟମିତ ଆସୁନାହାନ୍ତି। ଗାଁ ମୁଣ୍ଡରେ କୁଢ଼କୁଢ଼ ଆବର୍ଜନା ପଡ଼ିରହୁଛି। ଗାଁରେ ଏକ କ୍ଲବ୍ ଘର ଅଛି ତାହା ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଭୁଶୁଡ଼ି ପଡ଼ିବ। ଭୟରେ ଲୋକେ ବ୍ୟବହାର କରୁନାହାନ୍ତି, କୌଣସି ସାମୁହିକ କାର୍ଯ୍ୟକ୍ରମ, ସଭା କରିବା ପାଇଁ ଗାଁ ଦାଣ୍ଡରେ ବସୁଛନ୍ତି। କୋମଳମତି ଶିଶୁ ଦେଢ଼ କିମି ଅତିକ୍ରମ କରିଯାଉଛନ୍ତି। ଅନ୍ୟପକ୍ଷେ ଗାଁରେ ରହିଛି ମୁକ୍ତେଶ୍ୱର ବାବା ନାମିତ ଏକ ଶିବ ମନ୍ଦିର ଅନେକ ଲୋକ ନିତିଦିନ ପୂଜାପାଠ କରିବା ପାଇଁ ଯାଇଥାନ୍ତି। କିନ୍ତୁ ଚାଲ ଛପର ତଳେ ପୂଜାର୍ଚ୍ଚନା ଚାଲିଛି। ଅର୍ଦ୍ଧ ନିର୍ମିତ ଏହି ମନ୍ଦିର ଦୀର୍ଘଦିନ ହେବ ସେମିତି ପଡ଼ିରହିଛି। କୌଣସି ଆର୍ଥିକ ଅନୁଦାନ ମିଳୁନାହିଁ ମନ୍ଦିର ତୋଳିବା ପାଇଁ। ଏହିଭଳି ଅବସ୍ଥାରେ ମନ୍ଦିର ଦେଖି ଲୋକଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଏହି ସମସ୍ୟା ଗୁଡିକ ସମାଧାନ କରିବାକୁ ଗ୍ରାମାବସୀ ଦାବି କରିଛନ୍ତି।

## ଚୋରା କେନ୍ଦୁପତ୍ର ସହ ପିକ୍‌ଅପ୍ ଭ୍ୟାନ୍ ଜବତ; ଅଭିଯୁକ୍ତ ଫେରାର



**ରେଢ଼ାଖୋଲ, ୩୦।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଚାରମାଲ ରେଞ୍ଜ ଅଞ୍ଚଳରେ ଚାଲିଥିଲା ବେଆଇନ କେନ୍ଦୁପତ୍ର ଚୋରା ଚାଲାଣ ଉପରେ ବନ ବିଭାଗର ଚଢ଼ାଉ କରିଛି। ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଚାରମାଲ ରେଞ୍ଜ ଖଇଡପାଲ ଗ୍ରାମ ନିକଟ ରାସ୍ତାରୁ ଏକ ପିକ୍‌ଅପ ଭ୍ୟାନ ଓଆର୍ ୦୨ ବିସି ୨୧୫୧ରେ ୨୦୭ ବଣ୍ଡଲ କେନ୍ଦୁପତ୍ର ଯାହାର ଓଜନ ୯୮୮ କେଜି ହେବ ବେଆଇନ ଚୋରା ଚାଲାଣ ହେଉଥିବା ବେଳେ ଧରାପଡ଼ିଛି। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଅରବିନ୍ଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଚାରମାଲ ରେଞ୍ଜ ଅଧିକାରୀ ଦର୍ଶନୀୟା ଭୋଇଙ୍କ ନେତୃତ୍ୱରେ ବନବିଭାଗର ଏକ ସ୍ୱତନ୍ତ୍ର ଟିମ ଏହି ଚଢ଼ାଉ କରିଥିଲେ। ଚୋରା ଚାଲାଣ ହେଉଥିବା କେନ୍ଦୁପତ୍ର, ପିକ ଅପ୍ ଭ୍ୟାନ କୁ ଜବତ୍ କରିଥିବା ବେଳେ ଘଟଣା ସ୍ଥଳରୁ ଅଭିଯୁକ୍ତ ମାନେ ଫେରାର ମାରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବନ ବିଭାଗ ଏକ ମାମଲା ରୁଜୁ କରି ଏହାର ଅଧିକ ତଦନ୍ତ ଜାରି ରଖିଛି।

## କଥା ହେବା ବାହାନାରେ ମୋବାଇଲ୍ ନେଇ ଫେରାର

**ରେଢ଼ାଖୋଲ, ୩୦।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ଛକରୁ ସଂଧ୍ୟା ସମୟରେ ଜଣେ ବ୍ୟକ୍ତିଙ୍କ ମୋବାଇଲ ମାଗି କଥା ହେବା ବାହାନାରେ ମୋବାଇଲ ନେଇ ଜଣେ ଚମ୍ପଟ ମାରିଥିବା ନେଇ ରେଢ଼ାଖୋଲ ଥାନାରେ ଅଭିଯୋଗ ହୋଇଛି। ଘଟଣା ଅନୁଯାୟୀ ରେଢ଼ାଖୋଲ ସହରର କେରାଣ୍ଡି ଯୋର ଉପରେ ଏକ ନୂତନ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଛି। ସେଠାରେ କେନ୍ଦୁଝର ଜିଲ୍ଲାର ଅକ୍ଷୟ ପାତ୍ର ବୋଲି ଜଣେ ବ୍ୟକ୍ତି ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଛନ୍ତି ସେ ଆଜି ସଂଧ୍ୟା ସମୟରେ ଡାକ୍ତରଖାନା ଛକରେ ଛିଡ଼ା ହୋଇଥିବା ବେଳେ ଜଣେ ଅଚିହ୍ନା ଲୋକ ଆସି ଆଜ୍ଞା ମୋବାଇଲ ଟିକେ ଦିଅନ୍ତୁ ମୁଁ ମୋ ସମ୍ପର୍କୀୟଙ୍କୁ ଫୋନ କରିବି ବୋଲି କହି ମୋବାଇଲ ମାଗିଥିଲେ। ଅକ୍ଷୟ ମଧ ତାଙ୍କୁ ମୋବାଇଲ ଦେଇଦେଲେ ହେଲେ ଦୁର୍ବୃତ୍ତ ଜଣଙ୍କ କଥା ହେବା ବାହାନାରେ ଧୀରେ ଧୀରେ ଦୂରକୁ ଯାଇ ମୋବାଇଲ ଧରି ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ଅକ୍ଷୟ ପାତ୍ର ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଜୁଲାଇରେ ବନ୍ଦ ରହିବ ଗୁଦଗୁଦା ପର୍ଯ୍ୟଟନସ୍ଥଳ

**କୁଚିଣ୍ଡା, ୩୦।୬(ସମିସ):** ବଡ଼ବାହଲ ବନ ସୁରକ୍ଷା କମିଟି ଦ୍ୱାରା ପରିଚାଳିତ ଗୁଦଗୁଦା ଜଳପ୍ରପାତରେ ବର୍ଷା ଋତୁ ହେତୁ ଜଳପ୍ରପାତରେ ଆକସ୍ମିକ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବନ ସୁରକ୍ଷା କମିଟି ଏବଂ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆକସ୍ମିକ ଦୁର୍ଘଟଣାକୁ ରୋକିବା ପାଇଁ ଜୁଲାଇ ମାସ ୧ତାରିଖ ରୁ ୩୧ ପର୍ଯ୍ୟନ୍ତ ଜଳ ପ୍ରପାତ ବନ୍ଦ ରଖା ଯିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।। ଏଥି ନିମନ୍ତେ ସମସ୍ତ ଜଳ ପ୍ରପାତ ପ୍ରେମୀ ଓ ଭ୍ରମଣ କାରୀ ସହିତ ଅଦିନରେ ଆସୁଥିବା ବଣ ଭୋଜି ଦଳକୁ ସୂଚୀତ କରାଇ ଦିଆଗଲା ବୋଲି ବନ ସୁରକ୍ଷା କମିଟି ପକ୍ଷରୁ ପ୍ରକାଶ କରାଯାଇଛି।



## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ପରିସଂଖ୍ୟାନ ଦିବସ

**ସମ୍ବଲପୁର, ୩୦।୬(ସମିସ):** ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ସମ୍ବଲପୁର କ୍ଷେତ୍ରୀୟ ଶାଖା ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଠାରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଛି। ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ରାହୁଲ ପଟେଲ୍‌ଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ଡ. ମହାଦେବ ଜୟସ୍ୱାଲ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନୀତି ନିର୍ଦ୍ଧାରଣ ଓ ଠିକ ନିର୍ଣ୍ଣୟ କ୍ଷେତ୍ରରେ 'ତଥ୍ୟ'ର ଆବଶ୍ୟକତା ଓ ଉପଯୋଗିତା ଉପରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଆଲୋକପାତ କରିଥିଲେ। ମୁଖ୍ୟ ଡ. ମୋନାଲିସା ପଟ୍ଟନାୟକ ଓ କୁଳସଚିବ ଡ. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ କରିଥିଲେ। ପରିସଂଖ୍ୟାନ ବିଭାଗ ଦେଇ 'ତଥ୍ୟ'ର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ୱିଜ୍ ଓ ତର୍କ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ସାହୁ ପ୍ରଫେସର୍ ଉମାକାନ୍ତ ଧନ୍ୟବାଦ ଦେଇଥିଲେ।

## ମୁକୁନ୍ଦି ଷ୍ଟାଡିୟମରେ ନିମ୍ନମାନର କାମ ଅଭିଯୋଗ



**କୁଚିଣ୍ଡା, ୩୦।୬(ସମିସ) :** କୁଚିଣ୍ଡା କ୍ରୀଡ଼ାପ୍ରେମୀଙ୍କ ପ୍ରାଣ କେନ୍ଦ୍ର ମୁକୁନ୍ଦି ଷ୍ଟାଡିୟମ। କୁଚିଣ୍ଡାବାସୀଙ୍କ ଏହି ପଡ଼ିଆ ଉପରେ ନିର୍ଭରଶୀଳ। ଫୁଟବଲ, ହକି, କ୍ରିକେଟ ଏପରିକି ବିଭିନ୍ନ ସମୟରେ ସଭା ସମିତି ପାଇଁ ମଧ ବ୍ୟବହାର ହୋଇଥାଏ। ବିଶେଷ କରି କୁଚିଣ୍ଡା ଦୁର୍ଗା ପୂଜାରେ ରାବଣ ପୋଡ଼ି ଉତ୍ସବ ପାଳନ ସହ ଶାରଦୀୟ କ୍ରୀଡା ମଧ ଅନୁଷ୍ଠିତ ହୋଇଥାଏ। ପଡ଼ିଆର ଉନ୍ନତିକରଣ ନାମରେ କାର୍ଯ୍ୟ ସମ୍ପାଦନରେ ବିଳମ୍ବ ଘଟି ଚାଲିଛି। ପଡ଼ିଆରେ ଏ ବର୍ଷ ମଧ କୌଣସି ଖେଳ ଅନୁଷ୍ଠିତ ହୋଇପାରିବ ନାହିଁ ବୋଲି ଆଶଙ୍କା ଦେଖା ଦେଲାଣି। ପଡ଼ିଆ ସାରା ମାଟି ପକାଇ ସମତଳ କରି ଘାସ ଗାଲିଚା ସୃଷ୍ଟି କରିବା ଲକ୍ଷ୍ୟ ଥିବା ବେଳେ ପଡ଼ିଆର ଖାଲଖମା ସହ ପାଣି ଜମି ରହୁଛି। ୧୦୦ ମିଟର ଦୌଡ଼ ଅଭ୍ୟାସ ପାଇଁ କୃତ୍ରିମ ଘାସ ବିଛା ଯିବା ସହିତ ଖେଳ ପଡ଼ିଆ ଅତ୍ୟାଧୁନିକ ଡିଜାଇନରେ ସଜାଇବା ସହ ପଡ଼ିଆର ସୁନ୍ଦର ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା କରାଯିବାର ଯୋଜନା ରହିଛି। ମାତ୍ର ଏହି ସବୁ କାମ ଆରମ୍ଭ ହୋଇ ପାରିନାହିଁ। ଫୁଟବଲ ପଡ଼ିଆରେ ଖେଳିବାତ ଦୂରର କଥା ପଡ଼ିଆକୁ ପଶିଲେ କାଦୁଅ ସରସର ହୋଇ ଯାଉଛି। ଏହି ପଡ଼ିଆ ନିର୍ମାଣ ନେଇ ବହୁ ତଥ୍ୟ କୁଚିଣ୍ଡାବାସୀଙ୍କୁ ଅନ୍ଧାର ରଖା ଯାଇଥିବା ଅଭିଯୋଗ କରାଯାଇଛି। ଏଠାରେ କୌଣସି ସୂଚନା ଫଳକ ମଧ ଲାଗା ଯାଇନଥିବା ଜଣାଯାଇଛି।

**ସୂଚନାଫଳକ ଲଗାଇବାକୁ ଦାବି**

ଏହି କାର୍ଯ୍ୟ କେଉଁ ଅନୁଦାନରୁ ହେଉଛି, କେଉଁ ଆର୍ଥିକ ବର୍ଷ ପାଇଁ କେତେ ଟଙ୍କା ବ୍ୟୟ ଅଟକଳ ରହିଛି, କେଉଁ ନିର୍ବାହୀ ସଂସ୍ଥା ଏହାର ଦାୟିତ୍ୱରେ ରହିଛନ୍ତି ସେ ନେଇ ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି। ସମସ୍ତ ତଥ୍ୟ ସୂଚନା ଫଳକରେ ପ୍ରଦର୍ଶିତ କରି କାର୍ଯ୍ୟ ଆରମ୍ଭ କରିବା କଥା କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖାଦେଉଛି। ଫଳରେ ଏହି କାର୍ଯ୍ୟର ସ୍ୱଚ୍ଛତା ନେଇ ସଂଦେହ ସୃଷ୍ଟି ହେବା ସ୍ୱାଭାବିକ। ସୂଚନା ଫଳକ ଏବଂ ନିମ୍ନ ମାନର କାମକୁ ନେଇ ଆର ଏଣ୍ଡ ବି ଏସଡିଓ ନବୀନ ବାଗେଙ୍କୁ ପଚାରିବାରୁ ସୂଚନା ପ୍ରଦର୍ଶିତ କରିବା ପାଇଁ ଠିକାଦାର ସଂସ୍ଥା କୁ କହିବି ବୋଲି ଶ୍ରୀ ବାଗେ କହିଥିଲେ।

**ନକଲି ମାଲିକ ସାଜି ଜମି ବିକ୍ରି ଘଟଣା**

## ୩ ଅଟକ; ଜଣେ ବସ୍ ମାଲିକ ଓ ସାକ୍ଷୀଙ୍କୁ ଜେରା

**ସମ୍ବଲପୁର, ୩୦।୬(ସମିସ):** ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ଜରାସିଙ୍ଗା ଗ୍ରାମର ପ୍ରଫୁଲ ରଣାଙ୍କ ସାଢେ ୪ ଏକର ରୟତି ଜମିକୁ ପ୍ରାୟ ୧ ବର୍ଷ ପୂର୍ବରୁ ଜାଲିଆତି କରି ବିକ୍ରି କରି ଦିଆଯାଇଥିଲା। ଘଟଣାରେ ପୁଲିସକୁ ସଫଳତା ମିଳିଛି। ଘଟଣାରେ ନକଲି ଜମି ମାଲିକ, ତାଙ୍କ ସମ୍ପର୍କୀୟ, ମଧ୍ୟସ୍ଥିଙ୍କୁ ଅଟକ ରଖିଛି। ହେଲେ ଘଟଣାରେ ମାଷ୍ଟର ମାଇଣ୍ଡକୁ ଛାଡି ଦେଇଥିବା ଭଳି ଅଭିଯୋଗ ହେଉଛି। ଜମି କିଣାବିକାରେ ଜଣେ ବସ ମାଲିକ, ଦୁଇ ଜଣ ସାକ୍ଷୀ ରହିଛନ୍ତି। ଜଣେ ନକଲି ମାଲିକ ଠିକ କରି ଆଧାର କାର୍ଡ ସହ ଅନ୍ୟ ପରିଚୟ ପତ୍ର ତିଆରି କରି ବିକ୍ରି କରାଯାଇଛି ତାହା ତଦନ୍ତ ସାପେକ୍ଷ ରହିଛି। ଏପରିକି ଜମି କିଣିଥିବା ବ୍ୟକ୍ତିଙ୍କ ମଧ ଭୁଲ ରହୁଛି। ସେ ସମୟରେ ଘରକୁ ଆସି ରେଜେଷ୍ଟ୍ରି କରିଥିବା ଅଧିକାରୀ ଓ କର୍ମଚାରୀ ମାନେ କିଭଳି ଜାଣି ପାରିଲେ ନାହିଁ ତାହା ମଧ ସନ୍ଦେହ ଘେରକୁ ଆସୁଛି। ଜମି କିଣା ବିକା ସମୟରେ ଖତିୟାନର ଅସଲି ମାଲିକ ଚିହ୍ନଟ କରିବାର ବ୍ୟବସ୍ଥା ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। ହେଲେ କିଭଳି କୋଟି କୋଟି ଟଙ୍କାର ଜମି ଚଞ୍ଚକତା କରି କିଣା ବିକା ହୋଇଗଲା ବୋଲି ଏବେ ସାଧାରଣରେ ପ୍ରଶ୍ନ ହେଉଛି। ତଦନ୍ତ ଠିକ ଭାବେ ହେଲେ ଏହାର ମୁଖ୍ୟ ନାୟକ ପୁଲିସ ହାତରେ ଧରା ପଡ଼ିବ ବୋଲି କୁହଯାଉଛି। ଜିଲ୍ଲାରେ ଏଭଳି ଜମି ମାଫିଆ ର୍‍ୟାକେଟ୍ କାମ କରୁଛନ୍ତି। ଯେଉଁଠାରେ ପୁଲିସ ମାମଲାକୁ ଗମ୍ଭିରତାର ସହ ନେଇଛି ସେଠାରେ ଗ୍ୟାକେଟର ପର୍ଦ୍ଦାଫାଶ ହେଉଛି। ଯୁଯୁମୁରା ପୁଲିସର ବିଫଳତା ଯୋଗୁଁ ମେ ମାସରେ ହୋଇଥିବା ଅଭିଯୋଗ ଉପରୁ ପରଦା ଉଠିପାରୁନଥିଲା। ଅସଲି ମାଲିକଙ୍କ ଅଭିଯୋଗ କ୍ରମେ ପୁଲିସ କେବଳ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ମାନଙ୍କୁ ଜାମିନ ଆଣିବା ପାଇଁ ପୁଲିସ ସହଯୋଗ କରିଥିଲା। ଏବେ ପୁଲିସ ସେମାନଙ୍କୁ ପୁଣି ଗିରଫ କରିଛି। ପୁଲିସ ଏଭଳି କାମକୁ ପ୍ରଶଂସା କରାଯାଉଛି। ମୂଳରୁ ଚୂଳ ଯାଏ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କୁ ଗିରଫ କରାଗଲେ ପୁଲିସର ଆହୁରି ବିଶ୍ୱସନୀୟତା ବଢ଼ନ୍ତା ବୋଲି ଲୋକେ କହୁଛନ୍ତି। ସୂଚନାଯୋଗ୍ୟ, ଅସଲି ମାଲିକ ପ୍ରଫୁଲ୍ଲ ରଣା ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବାକୁ ଯିବା ପରେ ତାଙ୍କ ନାମରେ ଥିବା ଜମି ବିକ୍ରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରାଯାଇଥିଲା। ୨୦୨୨ ନଭେମ୍ବର ୨୨ରେ ୨୫ ହଜାର ଟଙ୍କା ଷ୍ଟାମ୍ପ ପେପରରେ ଜମି ରେଜିଷ୍ଟ୍ରି ହୋଇଥିଲା। କୟାକୁଦ ପଞ୍ଚାୟତ ଜରାସିଂହା ମୌଜାର ୪ ଏକର ୫୩ ଡେସିମିଲ ଜମି ବିକ୍ରି ହୋଇଥିଲା। ସମ୍ବଲପୁର ରେଜିଷ୍ଟ୍ରି ଅଫିସରେ ଜମି ମାଲିକ ପ୍ରଫୁଲ୍ଲ ରଣାଙ୍କ ସ୍ଥାନରେ ଅନ୍ୟଜଣଙ୍କ ଫଟୋ ଲଗାଇ ମୁଦିପଡ଼ାର ଜଗଦୀଶ ପଣ୍ଡାଙ୍କୁ ବିକ୍ରି କରିଥିଲେ।ଏଥିରେ କରୁଣା ରଣା, ମନସୁର ଅଲ୍ଲି ଖାନ ଦୁଇଜଣ ସାକ୍ଷୀଙ୍କ ନାମ ରହିଥିଲା। ତାହା ମଧ ନକଲି କି ଅସଲି ତଦନ୍ତାଧୀନ ରହିଥିଲା।

## ଅସହାୟ ମହିଳାଙ୍କ ଶବ ସଂସ୍କାର କରି ମହାନତା ଦେଖାଇଲେ ଯୁବ ଗୋଷ୍ଠୀ

**ରେଢ଼ାଖୋଲ, ୩୦।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଜଣେ ଅସହାୟ ମହିଳାଙ୍କ ଶବ ସତ୍କାର କରି ମହାନତା ଦେଖାଇଲେ ରେଢ଼ାଖୋଲ ଯୁବ ଗୋଷ୍ଠୀ। ମହିଳା ଜଣଙ୍କ ହେଲେ ଶାସନ ରେଙ୍ଗାଲି ଅଞ୍ଚଳର ଲଳିତା ଧରୁଆ(୫୭)। ରେଢ଼ାଖୋଲ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଚନ୍ଦ୍ରମା ମରାଇଙ୍କ ଘରେ ୧୫ ବର୍ଷ ହେବ ଲଳିତା ଘର କାମ କରିବା ସହ ତାଙ୍କ ଏକମାତ୍ର ଝିଅର ଯତ୍ନ ନେଇ ଆସୁଥିଲେ। ଲଳିତା ଦୀର୍ଘ ଦିନ ହେବ ଅସୁସ୍ଥ ଥିବାରୁ ଚିକିତ୍ସିତ ହେଉଥିଲେ। ଆଜି ସନ୍ଧ୍ୟା ସମୟରେ ତାଙ୍କର ଦେହାନ୍ତ ହୋଇଯିବାରୁ ଚନ୍ଦ୍ରମା ଓ ତାଙ୍କ ଝିଅ ଚିନ୍ତାରେ ରହିଥିଲେ। ଏହା ଜାଣିବା ପରେ ସହରର କିଛି ଯୁବକ ଆଗକୁ ଆସି ମହାନତା ଦେଖାଇ ଉକ୍ତ ମୃତ ମହିଳାଙ୍କ ଶବକୁ ମେଡିକାଲରୁ



ନେଇ ସ୍ଥାନୀୟ ହଳଦୀଘାଟ ଶ୍ମଶାନ ଠାରେ ସସମ୍ମାନେ ଶବ ସତ୍କାର କରିଥିଲେ। ଏପରି ମହାନ କାର୍ଯ୍ୟ ପାଇଁ ଯୁବକ ମାନେ ପ୍ରଶଂସାର ପାତ୍ର ହୋଇଛନ୍ତି। ଏହି ଯୁବକଙ୍କ ମଧ୍ୟରେ ବିଶ୍ୱରଞ୍ଜନ ପଣ୍ଡା, ଚନ୍ଦ୍ରହାସ ପ୍ରଧାନ, ସର୍ମଦ ଅଲ୍ଲୀ, କାହ୍ନା ସୁନା, ଅଙ୍କିତ ନାୟକ, ବିଶ୍ୱଜିତ ପ୍ରଧାନ, ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଶବ ସତ୍କାର କରିଥିଲେ।

## ରକ୍ତଦାନ ଶିବିର, ୩୫ ୟୁନିଟ୍ ସଂଗ୍ରହ



**କୁଚିଣ୍ଡା, ୩୦।୬(ସମିସ):** ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ ରବି ନାରାୟଣ ନାଏକଙ୍କ ୫୫ତମ ଜନ୍ମଦିନ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପାଳନ ହୋଇଛି। ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଭଣ୍ଡାରର ଟେକ୍ନିସିଆନ ପ୍ରମୋଦ କୁମାର ପଟେଲଙ୍କ ଉପସ୍ଥିତିରେ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିରରେ ବିଜେପିର କୁସୁମୀ ଅଞ୍ଚଳର ବରିଷ୍ଠ କାର୍ଯ୍ୟକର୍ତ୍ତା ସଞ୍ଜୟ ଶାହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ଜୋନ-୨ ର ସଭ୍ୟ ଦିବ୍ୟରାଜ କିଷାନ, ପ୍ରାଣବନ୍ଧୁ ନାଥ, ମହେଶ ରାୟ, ଦିନେଶ ପ୍ରଧାନଙ୍କ ସମେତ ବିଜେପିର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରତୀୟ ଜନତା ଯୁବ ମୋର୍ଚ୍ଚା, କୁଚିଣ୍ଡା ଶାଖା ପକ୍ଷରୁ ଆୟୋଜନ କରାଯାଇଥିଲା।

# ଠିକାସଂସ୍ଥା ଅବହେଳା ଯୋଗୁଁ ଝୁଲି ରହିଛି ଝୁଲେନ୍ ପୋଲ ନିର୍ମାଣ

**କୁଚିଣ୍ଡା, ୩୦।୬(ସମିସ)**

ରାଜ୍ୟ ସରକାର କୁଚିଣ୍ଡାବାସୀଙ୍କ ଗମନା ଗମନ ପାଇଁ ଖରଲା ନାଳ ଝୁଲେନ ପୋଲ ଉପରେ ଉଚ୍ଚ ସେତୁର ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩କୋଟି ୬୭ ଲକ୍ଷ ଟଙ୍କା ମଞ୍ଜୁର କରି ପୋଲ କାମ ଆରମ୍ଭ କରିବାକୁ କହିଥିଲେ।

**ନିମ୍ନମାନର କାମ ମନ୍ଥର ଗତିରେ ଚାଲିଛି**

ସମ୍ବଲପୁର ରାସ୍ତା ଓ କୋଠାବାଡ଼ି ଡିଭିଜନ ସମ୍ବଲପୁର ୨ କୁ ଦାୟିତ୍ୱ ନିର୍ବାହ କରିବାକୁ ଆଦେଶ ଦେଇଥିଲେ। ଆରଏଣ୍ଡବି ପକ୍ଷରୁ ଉକ୍ତ ବ୍ରିଜ କାମ ମୋନାଲିସା ଇଞ୍ଜିକୋନ୍ସ ସଂସ୍ଥା କୁ ନିର୍ମାଣ ଦାୟିତ୍ୱ ଦେଇଥିଲେ। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ କିଛି ଦିନ ଆରମ୍ଭ ପରେ ହଠାତ ବହୁ ଦିନ ଧରି କାମ ବନ୍ଦ ହୋଇଥିଲା। ଏଇ କିଛି ଦିନ ହେବ ଉକ୍ତ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସେହି ସ୍ଥାନର ମାଟି ମିଶା ବାଲି ବ୍ୟବହାର କରୁଥିବା ସହ ବହୁ ଦିନରୁ ନଦୀକୂଳରେ ଜମା ରଖିଥିବା ସିମେଣ୍ଟ ଉକ୍ତ ପିଲର କାର୍ଯ୍ୟରେ ବ୍ୟବହାର କରାଯାଉଛି। ଏଣୁ ଏପରି ନିମ୍ନ ମାନର କାମକୁ ନେଇ ବ୍ରିଜର ସ୍ଥାୟିତ୍ୱ ଉପରେ ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି।





କାର୍ଯ୍ୟ ସମାପନର ଧାର୍ଯ୍ୟ ତାରିଖ ୨୫-୦୫-୨୦୨୫ ହୋଇଥିବା ବେଳେ ମନ୍ଥର ଗତିର କାମକୁ ଦେଖିଲେ ଏହା ଆସନ୍ତା ବର୍ଷ ମଧ ସମ୍ପୂର୍ଣ୍ଣ ହେବା ନେଇ ସଂଦେହ ସୃଷ୍ଟି ହେଉଛି। ପୋଲ ନିର୍ମାଣରେ ବିଳମ୍ବ ହେତୁ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଖୋଲି ବ୍ୟବସାୟ କରୁଥିବା ଲୋକେ ନିରାଶ ହୋଇଛନ୍ତି। ଏଣୁ ଉକ୍ତ ବ୍ରିଜ କାମ ତୁରନ୍ତ ସମ୍ପୂର୍ଣ୍ଣ କଲେ ଅଞ୍ଚଳବାସୀଙ୍କ ଗମନା ଗମନରେ ସହଜ ହେବ ବୋଲି କୁହାଯାଉଛି। ଏନେଇ ଆର ଏଣ୍ଡ ବି ଏସଡିଓ ନବୀନ ବାଗେଙ୍କୁ ନଦୀର ରଫ ବାଲି ଏବଂ ବହୁ ମାସ ଧରି ପଡ଼ିରହିଥିବା ସିମେଣ୍ଟ ବ୍ୟବହାର କରିବା ବାବଦରେ ପଚାରିବାରୁ ଏସଡିଓ ଶ୍ରୀ ବାଗେ କାମ ବନ୍ଦ ବେଳର ସିମେଣ୍ଟ ପଡ଼ିଥିଲା। ନିମ୍ନ ମାନର ବାଲି ବାବଦରେ ମୁଁ କିଛି ଜାଣି ନାହିଁ ବୋଲି କହିବା ସହିତ ଠିକା ସଂସ୍ଥା କୁ ଯାହା କହିଲେ ବି ଏମାନେ କର୍ଣ୍ଣପାତ କରୁ ନାହାନ୍ତି ବୋଲି କହିଥିଲେ। ବ୍ରିଟିଶକାଳର ନିର୍ମିତ ଝୁଲେନ ପୋଲ କୁଚିଣ୍ଡାବାସୀଙ୍କ ସମ୍ବଲପୁର, ଦେବଗଡ଼ ସଂଯୋଗ କରିବା ସହ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ସହ ଗମନା ଗମନର ସୁବିଧାକୁ ଦୃଷ୍ଟିରେ ରଖି ଦେବଗଡ଼ ରାଜା ପୋଲଟିକୁ ନିର୍ମାଣ କରିଥିଲେ। ପୋଲଟି ନିର୍ମାଣ ହେବା ଫଳରେ କୁଚିଣ୍ଡା ଉପଖଣ୍ଡବାସୀ ଉପକୃତ ହୋଇଥିଲେ। ହେଲେ ଗତ ୨୦୨୧ ମସିହା ସେପ୍ଟେମ୍ବର ୯ ତାରିଖ ରାତିରେ ଏକ ଲୁହା ପଥର ବୋଝେଇ ଟ୍ରକ ଏହି ପୋଲରେ ଧକ୍କାଦେଇ ବ୍ରିଜ ତଳକୁ ଗଳି ପଡ଼ିଥିଲା। ଫଳରେ ବ୍ରିଜର ଗୋଟିଏ ପାଖ ଭାଙ୍ଗି ପଡ଼ିଥିଲା। ଟ୍ରକ ଭିତରେ ଚାଳକ ଚାପି ହୋଇ ମୃତ୍ୟୁ ଘଟିଥିଲା। ବ୍ରିଜ ଟି ଭାଙ୍ଗି ଯିବା ପରେ କୁଚିଣ୍ଡା ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ଯାଇଥିଲା। ତତ୍କାଳୀନ କୁଚିଣ୍ଡା ଉପଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଉଦ୍ୟମରେ ସେଠାରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରି ଗମନା ଗମନ ସୁବିଧା କରିଥିଲେ।

## ଗ୍ରାମ୍ୟ ଜଙ୍ଗଲ ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବିପତ୍ର

# କରାଯିବ ବ୍ୟାପକ ବୃକ୍ଷରୋପଣ



**ବରଗଡ଼, ୩୦।୬ (ସମିସ):** ସାରା ବିଶ୍ୱରେ ଯେଉଁଭଳି ଭାବରେ ତାପମାତ୍ରା ବଢ଼ୁଛି ଆଉ ତା ନିରାକରଣର ଏକ ମାତ୍ର ରାସ୍ତା ହେଉଛି ବୃକ୍ଷରୋପଣ। ସର୍ଲା ଗ୍ରାମବାସୀ ନିଜ ଗ୍ରାମ ଚାରି ପାର୍ଶ୍ୱରେ ତଥା ନିକଟ ଗ୍ରାମ୍ୟ ଜଙ୍ଗଲ ଜମିରେ ବୃକ୍ଷରୋପଣ ପାଇଁ ଅଣ୍ଟା ଭିଡିଛନ୍ତି। ବୃକ୍ଷ ହିଁ ଜୀବନ, ଆମ ଜଙ୍ଗଲ ଆମ ପରିବେଶକୁ ପୁନରାବୃତ୍ତି ତଥା ଏକ ନୂତନ ଜନସୌଧି ଜଙ୍ଗଲ ସୃଷ୍ଟି କରିବା ପାଇଁ ସମାଜ କଲ୍ୟାଣ ସମିତି ସରଲା ତରଫରୁ ଆଜି ତହସିଲଦାର ଏବଂ ବନାଞ୍ଚଳ ଅଧିକାରୀଙ୍କ ଜରିଆରେ ଜମି ଚିହ୍ନଟ କରିବା ସକାଶେ ଜଣାଇଛନ୍ତି। ସରଲା ଗ୍ରାମରେ ଦୀର୍ଘ ଦିନ ହେବା ଗ୍ରାମ୍ୟ ଜଙ୍ଗଲକୁ ବଡ଼ବଡ଼ ମୂଲ୍ୟବାନ ଗଛ କାଟି ସେଠାରେ ଚାଷଜମି କରି କିଛି ଲୋକ ମୋଟା ଅଙ୍କ ଆଦାୟ କରୁଥିଲେ। ସେମାନେ ଭାବି ପାରୁ ନଥିଲେ ଯେ ଗୋଟିଏ ବୃକ୍ଷ୍ୟ କେତେ ମୂଲ୍ୟବାନ। ସନ୍ତୋଷ କୁମାର ପଧାନ, ଗାଁ କଲ୍ୟାଣ ସମିତି ସଭାପତି ପୁରନ୍ଦର ବାଗ, ସମ୍ପାଦକ ଗଣନାଥ ପଧାନ, ଡି.ଇଶ୍ୱର ରାଓ, ମହେଶ୍ୱର ମେର୍ଲି, ସୁରେନ୍ଦ୍ର ପଧାନ ଏବଂ ଗ୍ରାମର ବ୍ୟକ୍ତି ବିଶେଷ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏହା ସହିତ ଏମିତି ପ୍ରତ୍ୟେକ ଗ୍ରାମରେ ପରିବେଶ କୁ ବଞ୍ଚାଇବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରଲା ଗ୍ରାମବାସୀ ବୃନ୍ଦ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଗ୍ରାମର ଏମିତି ପଦକ୍ଷେପକୁ ତହସିଲଦାର ଏବଂ ବନାଞ୍ଚଳ ଅଧିକାରୀ ପ୍ରଶଂସା କରିବା ସହିତ ଯଥାଶୀଘ୍ର ଜମି ଚିହ୍ନଟ କରିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି।

## ସ୍ୱାଭାବିକଠାରୁ ଜୁନରେ କମ ବର୍ଷା

# ଚାଷକାର୍ଯ୍ୟ ବାଧାପ୍ରାପ୍ତ, ଚିନ୍ତାରେ ଚାଷୀ

**ବରଗଡ଼, ୩୦।୬(ସମିସ)**

ଓଡ଼ିଶାର ଭାତହାଣ୍ଡି ବରଗଡ଼ ଜିଲ୍ଲାରେ ଜୁନ ମାସରେ ସ୍ୱାଭାବିକ ଠାରୁ କମ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷେ ଜୁଲାଇ ପ୍ରଥମ ସପ୍ତାହରେ ଠିକ ଭାବେ ବର୍ଷା ନ ହେଲେ ଚାଷ ଉଜୁଡିବା ଆଶଙ୍କା ଦେଖାଦେଇଛି। ଏପରି ସ୍ଥିତିରେ ଜିଲ୍ଲାର ଚାଷୀ ଚିନ୍ତିତ ହୋଇପଡ଼ିଛି। ଚାଷ ଏବଂ ଚାଷୀକୁ ନେଇ ଗର୍ବ କରୁଥିବା ବରଗଡ଼ ଜିଲ୍ଲା ୧୨ ଟି ବ୍ଲକକୁ ନେଇ ଗଠିତ ହୋଇଥିବା ବେଳେ ଏହାର ଅର୍ଦ୍ଧାଧିକ ଅଞ୍ଚଳ ହେଉଛି ଅଣଜଳସେଚିତ। ଜିଲ୍ଲାର ବରଗଡ଼, ବରପାଲି, ଭେଡେନ ଏବଂ ଅତାବିରା ବ୍ଲକ ହୀରାକୁଦ ପାଣି ଦ୍ୱାରା ଜଳସେଚିତ ହେଉଥିବା ବେଳେ ପଦ୍ମପୁର ଉପଖଣ୍ଡର ପଦ୍ମପୁର, ପାଇକମାଲ, ଗାଇସିଲେଟ, ଝାରବନ୍ଧ, ବିଜେପୁର, ସୋହେଲା ଏବଂ ବରଗଡ଼ ଉପଖଣ୍ଡର ଅମ୍ବାଭୋନା ଓ ଭଟଲି ବ୍ଲକ ଅଣଜଳସେଚିତ ଅଞ୍ଚଳ ଭାବେ ପରିଗଣିତ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ଠାରୁ କମ ବର୍ଷା ହୋଇଥିବା ବେଳେ ଚାଷକାର୍ଯ୍ୟ ଧିମେଇ ଯାଇଛି। ଜୁନ ମାସରେ ନିଅଣ୍ଟିଆ ବର୍ଷା ଚାଷୀର ଚିନ୍ତା ବଢ଼ାଇ ଦେଇଛି। ଜୁନ ମାସରେ ବରଗଢଡ଼ ଜିଲ୍ଲାରେ ସ୍ୱାଭାବିକ ଭାବେ ୨୦୩.୬ ମିଲିମିଟର ବର୍ଷା ହେଉଥିବା ବେଳେ ଚଳିତ ବର୍ଷ ମାତ୍ର ୧୪୯.୭୭ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି। ଏପରିସ୍ଥିତିରେ ବର୍ଷାଜଳ ଉପରେ ନିର୍ଭର କରୁଥିବା ଅଣଜଳସେଚିତ ବ୍ଲକର ଚାଷୀ ଠିକ ଭାବରେ ଚାଷ କାର୍ଯ୍ୟ କରିପାରି ନାହିଁ। ଯଦି ଜୁଲାଇ ପ୍ରଥମ ସପ୍ତାହରେ ଜିଲ୍ଲାରେ ବର୍ଷା ଠିକ ଭାବରେ ହେବ ତେବେ ଚାଷ କାର୍ଯ୍ୟ ଆଗେଇବ ବୋଲି କୁହାଯାଇଛି।





ଅପରପକ୍ଷେ ଗତ କିଛି ଦିନ ହେବ ମୌସୁମୀ ପ୍ରଭାବରେ ହୋଇଥିବା ବର୍ଷାକୁ ନେଇ ଚାଷୀ ଜିଲ୍ଲାରେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ବେଳେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀ ଚିନ୍ତିତ ହୋଇପଡ଼ିଛି। ସେହିପରି ଚଳିତ ବର୍ଷ କୃଷି ବିଭାଗ ତରଫରୁ ଖରିଫ ଚାଷ ପାଇଁ ବରଗଡ଼ ଜିଲ୍ଲାରେ ୩ ଲକ୍ଷ ୪୮ ହଜାର ୭୪୭ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ସେଥିମଧ୍ୟରୁ ୨, ୧୭, ୫୦୦ ହେକ୍ଟର ଜମିରେ ଧାନ ଚାଷ କରାଯିବ ବୋଲି ଲକ୍ଷ୍ୟ ରହିଛି। ସେହିପରି ୧, ୩୧, ୨୪୭ ଜମିରେ ଅଣଧାନ ଚାଷ କରାଯିବାକୁ ଥିବା ବେଳେ ସେଥିମଧ୍ୟରୁ ୫୦, ୧୦୦ ହେକ୍ଟର ଜମିରେ ଡାଲିଜାତୀୟ, ୪୩୨୪୭ ଜମିରେ ପନିପରିବା, ୧୭, ୫୦୦ ହେକ୍ଟର ଜମିରେ ତୈଳବୀଜ, ୫୦୦୦ ହେକ୍ଟର ଜମିରେ ମାଣ୍ଡିଆ, ୩୭୦୦ ହେକ୍ଟର ମକା, ୬୨୦୦ ହେକ୍ଟର କପା ଏବଂ ୫୫୦୦ ହେକ୍ଟର ଜମିରେ ମସଲା ଜାତୀୟ ଚାଷ କରାଯିବ ବୋଲି କୃଷି ବିଭାଗ ତରଫରୁ ସୂଚନା ଦିଆଯିବା ସହ ଆଗାମୀ ଦିନରେ ପାଣିପାଗ ବିଭାଗ ଅନୁସାରେ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି। ଏ ପର୍ଯ୍ୟନ୍ତ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଆଗାମୀ ଦିନରେ ଆବଶ୍ୟକ ପରିମାଣରେ ଯଦି ବର୍ଷା ନ ହୁଏ ତେବେ ଜିଲ୍ଲାରେ ଚାଷ ପ୍ରଭାବିତ ହେବ ବୋଲି ଚାଷୀ ଆଶଙ୍କା କରିଛି।

# ମମତା ଯୋଜନାରେ ମହାଘୋଟାଲା



**ଦହିତା, ୩୦।୬ (ସମିସ) :** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଦହିଗାଁ ପଞ୍ଚାୟତ ଦହିଗାଁ (କ) ଅଙ୍ଗନୱାଡି କେନ୍ଦ୍ରର ଗର୍ନ୍ଧବୀ ସାହୁ ମମତା ଯୋଜନର ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି। ଦହିଗାଁ ର ମମିତା ବରିହା (୩୧)ଙ୍କ ଅଭିଯୋଗ ଅନୁଯାୟୀ ମମତା ଯୋଜନାର ୭ହଜାର ଟଙ୍କା ଏକ ବର୍ଷ ହେଲାଣି ପାଇ ନାହାନ୍ତି। ଏପଟେ ଅଙ୍ଗନୱାଡି ଦିଦି କହୁଛନ୍ତି ବ୍ୟାଙ୍କ ଖାତାରେ ଏହି ଟଙ୍କା ପଡ଼ିଛି। ଏନେଇ ମମିତା ବରିହା ଓ ତାଙ୍କ ସ୍ୱାମୀ ସୁକୁମାର ବରିହା ବ୍ୟାଙ୍କକୁ ଯାଇ ବ୍ୟାଙ୍କ ଖାତା ଦେଖିବାରୁ ତାହା ଅନ୍ୟ ଏକ ବ୍ୟାଙ୍କ ଖାତାରେ ପଡ଼ିଛି ବୋଲି ବ୍ୟାଙ୍କ କର୍ମଚାରୀ କହିଥିଲେ। ସରକାର ମାଁ ଓ ଶିଶୁ ମାନଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନ କରିଛନ୍ତି କିନ୍ତୁ ଏଠି ଓଲଟା ଚିତ୍ର ଦେଖିବାକୁ ମିଳିଛି। ଅଙ୍ଗନୱାଡି ଦିଦି ସବୁଦିନ ଠିକ ସମୟରେ ଆସୁ ନାହାନ୍ତି ଓ ପାଠ ପଢ଼ାଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ସଠିକ ତଦନ୍ତ କରି ମମିତା ବରିହାଙ୍କୁ ଟଙ୍କା ଦିଆଯାଉ ବୋଲି ଦାବି ହୋଇଛି।

# ବିଧାୟିକା ବର୍ଷା ସିଂ ବରିହାଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୩୦।୬ (ସମିସ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେର୍ମେଲାବାହାଲ ଠାରେ ବିଧାୟିକା ବର୍ଷା ସିଂ ବରିହାଙ୍କୁ ଏକ ସମାବେଶରେ ସମ୍ବର୍ଦ୍ଧନା ଦିଆଯାଇଛି। ପାଇକମାଲ ବ୍ଲକ ସଭାପତି ରାଜେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପାଇକମାଲ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ବରିଷ୍ଠ ବିଜେଡି ନେତା ହୃଦାନନ୍ଦ ବାରିକ, ଡ଼ୋଲାମଣି ମାହାର, ଟାଇଲ ଭୋଇ, ଯୁବ ବିଜେଡି ବ୍ଲକ ସଭାପତି ଗୌତମ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଲତାପ୍ ମହମ୍ମଦ, ପେକ୍ସ ଅଧ୍ୟକ୍ଷ ବିଜୁ ସ୍ୱାଇଁ ପ୍ରମୁଖ ଯୋଗଦେଇ ନବ ନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ବିଧାୟିକା ଶ୍ରୀମତୀ ବରିହା ନିଜ ଅଭିଭାଷଣରେ ଦଳୀୟ ସଭାପତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦେଶକୁ ଦୋହରାଇ କହିଥିଲେ ଯେ ଭାଜପା ସରକାର ଗଠନ କରିଛି କିନ୍ତୁ ମ୍ୟାଜିକ ନମ୍ବରରୁ ଅଧିକ ସିଟ ନାହିଁ। ତେଣୁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବା ଉଚିତ। ଆଗାମୀ ଦିନରେ ଅଞ୍ଚଳର ବିକାଶ ପାଇଁ ଲଢେଇ ଜାରି ରହିବ ବୋଲି ବିଧାୟିକା କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ଭୋଜରାଜ ସିଂ ବରିହାଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




# ଜିଲ୍ଲାସ୍ତରୀୟ ଗୁରୁପୂର୍ଣ୍ଣିମା ପାଳନ ପ୍ରସ୍ତୁତି ବୈଠକ

**ବରଗଡ଼, ୩୦।୬(ସମିସ) :** ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ବରଗଡ଼ ଠାରେ ଜୁଲାଇ ୨୧ ତାରିଖ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଗୁରୁ ପୂର୍ଣ୍ଣିମା ପାଳନ ପାଇ ସ୍ଥାନୀୟ ଖଜୁରଟିକ୍ରା ନେତାଜୀ କ୍ଲବ୍ ପରିସରରେ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଏହି ବୈଠକରେ ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତା ଓ ସଂଯୋଜକ ଯୋଗଦେଇ ଗୁରୁ ପୂର୍ଣ୍ଣିମା କିପରି ସୁଚାରୁ ରୂପେ ପାଳନ କରାଯିବ ସେ ବିଷୟ ରେ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିବା ବେଳେ ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ମାସିକ ବିବରଣୀ ଉପସ୍ଥାପନ ସହିତ ଆଭିମୁଖ୍ୟ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍କୀର୍ତ୍ତନ ଗାୟକ ତଥା ପରିଷଦର ବରିଷ୍ଠ ଉପଦେଷ୍ଟା ଲଳିତମୋହନ ପଣ୍ଡା, ରାମଚନ୍ଦ୍ର ସାହୁ, ନିଳମାଧବ ଦେବତା, ଗୋରାଚାନ୍ଦ ସାହୁ, ମିନକେତନ ମେହେର, ଭୀମସେନ ମହାପାତ୍ର, ପ୍ରଦୀପ ସାହୁ, ଦଖିଲ ବାରିକ, ମଧୁସୂଦନ ମେହେର, ବାଙ୍କାବିହାରି ସାହୁ, ସୁଶୀଲ ଠାକୁର, ପଞ୍ଚାନନ ବାଗ ଭରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଗୁରୁପୂର୍ଣ୍ଣିମା ପାଳନ ପାଇଁ ଚୂଡାନ୍ତ ରୂପରେଖ ସମ୍ବନ୍ଧରେ ମତାମତ ପ୍ରଦାନ କରିଥିଲେ।



# ବୃନ୍ଦାବତୀ ପଣ୍ଡାଙ୍କ ପରଲୋକ

**ବରଗଡ଼, ୩୦।୬ (ସମିସ):** ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଆଜୀବନ ସଦସ୍ୟା, ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବରଗଡ଼ ଶକ୍ତିନଗର ନିବାସୀ ବୃନ୍ଦାବତୀ ପଣ୍ଡା(୬୬) ଙ୍କ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ କରୋନା ସମୟରେ ଜିଲ୍ଲା ସଂଗଠନ ପାଇଁ ଅଧିକ ମାତ୍ରା ରେ ପାଣ୍ଠି କିପରି ସଂଗୃହୀତ ହେବ ତାର ପ୍ରେରଣାଦାୟୀ ଥିଲେ ସ୍ୱର୍ଗତା ପଣ୍ଡା। ଜଣେ ଉଦାର, ସ୍ନେହୀ, ଛାତବତ୍ସଳ, ମେଳାପୀ, ଧର୍ମପରାୟଣ ମହିଳା ଭାବରେ ସେ ବେଶ ପରିଚିତ ଥିଲେ। ମୃତ୍ୟୁ ସମୟରେ ସ୍ୱାମୀ ସୁଶୀଲ ମହାପାତ୍ର, ପୁତ୍ର, କନ୍ୟା, ନାତି, ନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଜିରାନଦୀ ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପ୍ରମୋଦ ଝଙ୍କାର, ସାମ୍ବାଦିକ ତୁଳସୀ ଚରଣ ଦାଶ, ନିର୍ମଳ ଦାଶ, କୃଷ୍ଣଚନ୍ଦ୍ର ପଣ୍ଡା, ଦେବୀ ପଟ୍ଟନାୟକ, ଗୋବିନ୍ଦ ଦାଶ, କେଦାର ମିଶ୍ର, ପବିତ୍ର ମୋହନ ସରାଫ, ପ୍ରସନ୍ନ ପ୍ରଧାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଭେଡେନ, ୩୦।୬(ସମିସ): ଭେଡେନ ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସର ଗ୍ରହଣ କରିଥିବା ଏବିଇଓ ଉର୍ବଶୀ ପଣ୍ଡା ଓ ବରିଷ୍ଠ କିରାଣୀ ମୂରଲୀଧର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏବିଇଓ ହେମବତି ମେହେର, ଅଭିମନ୍ୟୁ ଭୋଇ, ସିବଲାଲ ମେହେର, ନରେନ୍ଦ୍ର ସେଠ୍ ଓ ଅବସରପ୍ରାପ୍ତ ଏବିଇଓ ଉବର୍ଶୀ ପଣ୍ଡା, ବରିଷ୍ଠ କିରାଣୀ ମୁରଲିଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ପରିଚୟ ସିଆର୍‌ସିସି. କ୍ଷିତେଶ୍ୱର ବେହେରା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ସିଆର୍‌ସିସି ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସେବା ପକ୍ଷରୁ ରକ୍ତଦାନ ଶିବିର

**ଭେଡେନ, ୩୦।୬(ସମିସ):** ବରପାଲି ବ୍ଲକ ବଲିଟିକ୍ରାଛକ ଠାରେ ସେବା ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସୁବର୍ଣ୍ଣପୁର ଜିଲ୍ଲା ଅବସର ପ୍ରାପ୍ତ ଶିକ୍ଷା ନିରୀକ୍ଷକ ତଥା ବରିଷ୍ଠ ନାଗରିକ ସଙ୍ଘ ବରପାଲି ବ୍ଲକ ସଭାପତି ସୁବଳ ଭୋଇ ମୁଖ୍ୟ ଅତିଥିଭାବରେ ଯୋଗଦାନ କରି ଉଦଘାଟନ କରିଥିଲେ। ଏଥିରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ରକ୍ତଦାତା ଜୀବନ ଦାତା ମାନେ ହେଲେ ଅକ୍ଷୟ କୁମାର ଦୀପ, ପରେଶ ପଧାନ, ଅନାଦି ସାହୁ, କୀର୍ତ୍ତନ ବେହେରା, ଶେଷଦେବ ସାଲିମା, ରୋହିତ ଭୁଏ, ବୁଦ୍ଧଦେବ ନାଏକ, ଅଶୋକ ପଧାନ, ବିଶ୍ୱମୋହନ ସାହୁ, ପ୍ରହଲ୍ଲାଦ ବୁଢ଼େକ, ନିରଞ୍ଜନ ଭୁଏ, ଦେବାନନ୍ଦ ମେହେର, କର୍ଣ୍ଣ ସାହୁ, ନରେନ୍ଦ୍ର ପଧାନ, ରାଜୁ ସାହୁ, ରଞ୍ଜନ ଭୋଇ, ଛାୟାକାନ୍ତ ମେହେର, ସୁରେନ୍ଦ୍ର ହାତୀ, ଭରତ ପଟେଲ, ସୁଶୀଲ ପଟେଲ, ଗୋପାଳ କୁମ୍ଭାର, ସୁନୀଲ ପଟେଲ, ସୁରେନ୍ଦ୍ର ମଲ୍ଲିକ, ଦୀପକ କଂସାରୀ, ସୁମନ୍ତ ଜାଲ, ଶୁଭମ ବାରିକ, ଚନ୍ଦ୍ରକାନ୍ତ ପଧାନ, ଶ୍ରୀରାମ ପାତ୍ର, ରବୀନ୍ଦ୍ର ହାତୀ, ଆନନ୍ଦ ହାତୀ, ଦୀପକ ସାହୁ, ଇନ୍ଦ୍ରଜିତ ସାହୁ, ଗଣେଶ ପାତ୍ର, ଶ୍ରୀତମ ଭୋଇ, ଅରୁଣ ସାହୁ, ଏଡିସନ ସାହୁ। ଶିବିର ପରିଚାଳନରେ ସେବା ପରିବାରର ସଭାପତି ନରେନ୍ଦ୍ର ଭୋଇ, ଉପ ସଭାପତି ସଞ୍ଜୀବ ଭୋଇ, ପ୍ରଦୀପ ସାହୁ, ସୁଶାନ୍ତ କୁମାର ଭୋଇ, ଆନନ୍ଦ ନାଏକ ପ୍ରମୁଖ ସହଯୋଗ କରିଥିଲେ।



# ଖଣି ବିସ୍ଫୋରଣକୁ ବିରୋଧ ଓ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଝାରସୁଗୁଡ଼ା, ୩୦।୬(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଏମ୍‌ସିଏଲର ଇବଭ୍ୟାଲି ଖଣି କ୍ଷେତ୍ର ଅଞ୍ଚଳରେ ହେଉଥିବା ବିସ୍ଫୋରଣକୁ ନେଇ ଏମ୍‌ସିଏଲ କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ଜାମକାନୀବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ବେଲପାହାଡ଼ର ବିଜେପି ନେତ୍ରୀ ଜାମକାନୀ ବାସିନ୍ଦା ଆରତୀ ରାଏ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେପି ନେତ୍ରୀ ଆରତୀଙ୍କ ଅଭିଯୋଗ କ୍ରମେ ଜାମକାନୀ ଗ୍ରାମରୁ ମାତ୍ର କିଛି ଦୂରରେ ଏମ୍‌ସିଏଲ ଇବଭ୍ୟାଲି ଖଣି କ୍ଷେତ୍ର ଅଧୀନରେ କୋଇଲା ଖଣିର କାୟା ବିସ୍ତାର କରିଛି। ଏମସିଏଲ ଦ୍ୱାରା ଅନେକ ଗୁଡ଼ିଏ ଠିକା କମ୍ପାନୀ ନିୟୋଜିତ କରାଯାଇ ଖଣି କାର୍ଯ୍ୟ ନିର୍ବାହ କରାଯାଉଛି। ଏହି କମ୍ପାନୀ ମଧ୍ୟରୁ କେତେକ କମ୍ପାନୀ ଖଣିରୁ ପ୍ରତିଦିନ ବିସ୍ଫୋରଣ କରି କୋଇଲା ଉତ୍ତୋଳନ କରୁଛି। ଏହିଖଣି ବିସ୍ଫୋରଣ ଯୋଗୁଁ ଲୋକଙ୍କ ଘର ଦୋହଲି ଯିବା ସହ ଅନେକଙ୍କ ଘରଦ୍ୱାର ଭାଙ୍ଗିବା ସହ ଫାଟ ସୃଷ୍ଟି ହେଉଛି। ଏନେଇ ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଗଲେ ମଧ୍ୟ ସେମାନେ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବା ଆରତୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏମ୍‌ସିଏଲ ଦ୍ୱାରା ନିୟୋଜିତ ଠିକା କମ୍ପାନୀ ପକ୍ଷରୁ ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ସର୍ବଦା ଅନ୍ୟ ରାଜ୍ୟ ଓ ଜିଲ୍ଲାର କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ପ୍ରକୃତରେ ଏମ୍‌ସିଏଲ କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ପରିବାରର ସ୍ଥାନୀୟ ଯୁବକମାନେ ନିଯୁକ୍ତିରୁ ବଞ୍ଚିତ ହେଉଥିବା ଆରତୀ ଅଭିଯୋଗ କରିଛନ୍ତି। ସେହି କମ୍ପାନୀ ଗୁଡ଼ିକ ଅନ୍ୟସ୍ଥାନର କେତେକ ଅସାଧୁ ଗୋଷ୍ଠୀଙ୍କ କବ୍‌ଜାରେ ରହିଛି। ତେଣୁ ଠିକା କମ୍ପାନୀ ଗୁଡ଼ିକରେ ସ୍ଥାନୀୟ ଯୁବକଙ୍କୁ ଶୀଘ୍ର ନିଯୁକ୍ତି ପ୍ରଦାନ କରିବା ଓ ଖଣି ଅଞ୍ଚଳରେ ବିସ୍ଫୋରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ନେତ୍ରୀ ଆରତୀ ରାଏ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ନିମ୍ନମାନର କାମ ପାଇଁ ଭାଙ୍ଗିଲା କଂକ୍ରିଟ ରାସ୍ତା

**ଝାରସୁଗୁଡ଼ା, ୩୦।୬(ସମିସ):** ଝାରସୁଗୁଡ଼ା ସହରର ସରବାହାଲ ସରକାରୀ ପୋଖରୀ କଂକ୍ରିଟ ରାସ୍ତା ନି଼ମନମାନର କାମ ପାଇଁ ଭାଙ୍ଗି ପଡ଼ିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶିକ୍ଷାନୁଷ୍ଠାନ କର୍ମଚାରୀ ଗାଡ଼ି ଚାଳକ ଛାତ୍ରଛାତ୍ରୀ ସମେତ ବାଟୋଇ ଯିବାଆସିବା ସମୟରେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯିବା ଆସିବା ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାର ପରିଲକ୍ଷିତ ହେଉଛି। ଷ୍ଟ୍ରିଟଲାଇଟ୍ ଅଭାବରୁ ରାତି ସମୟରେ ଗାଡ଼ି ଚାଳକ ଯିବାଆସିବା ସମୟରେ ଛୋଟ୍ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ରାତିରେ ଯିବାଆସିବା ପାଇଁ ନିରାପଦ ମଣୁନାହାନ୍ତି। ବାଇପାସ୍ ପଟୁ ସରବାହାଲ ସରକାରୀ ପୋଖରୀକୁ ସଂଯୋଗ କରିବା ସ୍ଥାନରେ କଂକ୍ରିଟ ରାସ୍ତା ଭାଙ୍ଗି ବଡ଼ ଗାତ ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।



# ବିଧାୟକଙ୍କ କରଡ଼ାପାଳ ଗସ୍ତ; ବିଭିନ୍ନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ



**ଦେବଗଡ଼, ୩୦।୬(ସମିସ):** ଦେବଗଡ଼ ଜିଲ୍ଲାର ହକିର ଏନ୍ତୁଡ଼ିଶାଳ ଭାବେ ପରିଚିତ ଆଦିବାସୀ ଅଧ୍ୟୁଷିତ ତିଳେଇବଣି ବ୍ଲକ ଅଧୀନ କରଡ଼ାପାଳ ଗ୍ରାମକୁ ରବିବାର ନବନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଗସ୍ତ କରିଥିଲେ। ଜିଲ୍ଲାରେ ହକି ଖେଳାଳିଙ୍କୁ ଭିତ୍ତିଭୂମି ଯୋଗାଇବା ସହ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ ଏକ ହକି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ୧୫ କୋଟି ଟଙ୍କା ମଞ୍ଜୁର କରିବା ସହ ଉକ୍ତ ଗ୍ରାମରେ ୭ ଏକର ପରିମିତ ଜମି ଯୋଗାଇଥିଲେ। ଅତ୍ୟାଧୁନିକ ସୁବିଧା ସହ ଏକ ସିନ୍ଥେଟିକ ଟର୍ଫ ଓ ଅନୁସଙ୍ଗିକ ଭିତ୍ତିଭୂମି ଯୋଗାଇବା ପାଇଁ ଗ୍ରାମବାସୀଙ୍କ ଦାବିକୁ ସରକାର ପୂରଣ କରିଥିବାବେଳେ ଏହାର ନିର୍ମାଣ ଦାୟିତ୍ୱ ଇଡକୋକୁ ପ୍ରଦାନ କରାଯାଇଛି। ସେହିପରି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗ୍ରାମର ପଡ଼ିଆରେ ଖେଳାଳୀଙ୍କ ପୋଷାକ ପରିବର୍ତ୍ତନ ଓ ପେଣ୍ଡାଲ ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର କରଯାଇଥିଲା। ଏସବୁର ବାସ୍ତବିକ ସ୍ଥିତି ଅନୁଧ୍ୟାନ ପାଇଁ ବିଧାୟକ ଶ୍ରୀ ବିଶ୍ୱାଳ ଗ୍ରାମ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବିଧାୟକ ଶ୍ରୀ ବିଶ୍ୱାଳ କରଡ଼ାପାଳ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ପାରମ୍ପରିକ ଢୋଲ ମାଦଳ ତାଳେତାଳେ ଆଦିବାସୀ ନୃତ୍ୟ ମଧ୍ୟରେ ପାଛୋଟି ନେଇଥିଲେ।

# ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଦେବଗଡ଼, ୩୦।୬(ସମିସ):** ନବ ନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ରବିବାର ଜିଲ୍ଲା ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବିଜେଡିର ସମସ୍ତ ପଦାଧିକାରୀ, ନିର୍ବାଚିତ ପ୍ରତିନିଧି, ନେତା ଓ କର୍ମୀ ଯୋଗଦେଇ ବିଧାୟକ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବିଶ୍ୱାଳ ତାଙ୍କର ବିଜୟ ପାଇଁ ସମସ୍ତ କର୍ମୀଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳ କିପରି ସଙ୍ଗଠିତ



ହେବ ସେନେଇ ମତ ପ୍ରକାଶ କରିଥିଲେ। ଏଥି ସହିତ ଦେବଗଡ଼ ନିର୍ବାଚନ ମଣ୍ଡଳୀର ଉନତି ପାଇଁ ସମସ୍ତେ ମିଶି କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବର୍ଷା ରାଣୀ ମୁଣ୍ଡା, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ନଗର ସଭାପତି ଶୁକଦେବ ଭଞ୍ଜ, ମହିଳା ସଭାନେତ୍ରୀ ଆରୁଣୀ ପ୍ରଧାନ, ଯୁବ ସଭାପତି ପ୍ରତାପ ଦେବ, ବରିଷ୍ଠ ନେତା ତଥା ରାଜ୍ୟ ବିଜେଡି ସମ୍ପାଦକ ଉମା ଶଙ୍କର ସାହୁ, କାମାକ୍ଷା ଗଙ୍ଗଦେବ, ଲଳିତ ମୋହନ ପ୍ରଧାନ, ରଞ୍ଜନ କୁମାର ସାହୁ, ବାପୁ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌର ଅଧ୍ୟକ୍ଷା ଅନିତା ପାତ୍ର, ପାର୍ବତୀ ସାହୁ, ସୁଜାତା ପ୍ରଧାନ, ଚନ୍ଦ୍ର ଭୁକ୍ତା, ମନୋଜ ପ୍ରଧାନ, ସମୀର ପ୍ରଧାନଙ୍କ ସମେତ ବହୁ ନଗର ଓ ବ୍ଲକର ନେତା ଓ କର୍ମୀ ଯୋଗ ଦେଇଥିଲେ।

# ପ୍ରଦୂଷଣ ବଳୟରେ ଝାରସୁଗୁଡ଼ା ସହର

**ଝାରସୁଗୁଡ଼ା, ୩୦।୬(ସମିସ):** ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳ ଦୀର୍ଘ ବର୍ଷରୁ ପ୍ରଦୂଷଣ ବଳୟରେ ରହିଥିବାର ଅଭିଯୋଗ ହେଉଛି। ସହର ଉପକଣ୍ଠରେ ୨୦୦୦ ମସିହାରେ ଅନେକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବା ପୂର୍ବରୁ ହଜାର ହଜାର ଗଛ କାଟି ଦିଆଗଲା। ତା'ପରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାଫଳରେ ଶିଳ୍ପାନୁଷ୍ଠାନରୁ ନିର୍ଗତ ଧୂଆଁ ସମେତ ଆକ୍ସ ଧିରେ ଧିରେ ପଡ଼ିବା ସହିତ ଜନସଂଖ୍ୟା ବଢ଼ିବା ସହିତ ଗାଡ଼ି ମଟର ସଂଖ୍ୟା ବଢ଼ିବା ଫଳରେ ପ୍ରଦୂଷଣ କ୍ରମାଗତ ବଢ଼ିଚାଲିଛି। ଅନ୍ୟପଟେ ଦେଖିବାକୁ ଗଲେ ସହରର ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଇଚ୍ଛା ପୂରଣ ଦିଗରେ ବାଧା ଦେଖାଗଲା। ଝାରସୁଗୁଡ଼ା ସହରର ଭୁରକାମୁଣା, ଭାଗିପାଲି, ବଞ୍ଜାରି, ବଡ଼ମାଳ, ହିରମା, ତରେଇକେଲା, ତୁମେଇକେଲା, କୁକୁରଦଙ୍ଗା, ମରାକୁଟ, ଜମେରା, ଜମାପାଲି ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ଦୀର୍ଘ ବର୍ଷରୁ ପ୍ରଦୂଷଣର ଶିକାର ହେଉଥିବା ବେଳେ ପ୍ରଦୂଷଣର ନିୟମକୁ ବିଭିନ୍ନ ଶିଳ୍ପାନୁଷ୍ଠାନ ନିୟମ ମାନୁ ନଥିବାର ଜଣାପଡୁଛି। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଆକ୍ସ ପକାଇବା ଓ ପ୍ରଦୂଷଣ ଯୋଗୁଁ ମାଟିର ଉର୍ବରତା ଯୋଗୁଁ ଧାନ ଚାଷ ସହିତ ପନିପରିବା ଚାଷ ହେଉ ନ ଥିବାରୁ ଚାଷୀମାନେ ଉଚିତ୍ ପାରିଶ୍ରମିକ ପାଇପାରୁ ନାହାନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଦୀର୍ଘ ଦିନରୁ ଜନସାଧାରଣରେ ଦାବି ହେଉଛି।

# ରାଜ୍ୟ ସାମ୍ବାଦିକ ସଂଘର ବୈଠକ

**ଝାରସୁଗୁଡ଼ା, ୩୦।୬(ସମିସ):** ଜିଲ୍ଲା ସଂସ୍କୃତି ଭବନ ଠାରେ ରାଜ୍ୟ ସାମ୍ବାଦିକ ସଂଘର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ଏହି ବୈଠକରେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାଏକ, ରାଜ୍ୟ ଉପସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ତୋଷ ମିଶ୍ର, ଉପସଭାପତି ମେହେବୁବ ମେହେତାବ, ରାଜ୍ୟ ସମ୍ପାଦକ ଗଗନ କୁମାର ଶର୍ମା, ମହେନ୍ଦ୍ର ଦରଜି ଏବଂ ଝାରସୁଗୁଡା ଜିଲ୍ଲାର ସଭାପତି ସୁବାସ ପ୍ରଧାନ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ମାସରେ ଝାରସୁଗୁଡା ଜିଲ୍ଲାରେ କାର୍ଯ୍ୟକାରିଣୀ ବୈଠକ ସହିତ ପଶ୍ଚିମାଞ୍ଚଳ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହେବ। ଝାରସୁଗୁଡା ଶାଖା ଏହି ସମ୍ମିଳନୀକୁ ଆୟୋଜିତ କରିବ ଏବଂ ଏହି ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ୧୦ଜିଲ୍ଲା ଶାଖା ଯୋଗଦେବା ସହିତ ଓଡ଼ିଶା ଅନ୍ୟ ଜିଲ୍ଲାର ଏସୟୁଜେ ଓଡ଼ିଶାର ଶାଖା ଜିଲ୍ଲା ସଭାପତି, ସାଧାରଣ ସମ୍ପାଦକମାନେ ଯୋଗଦେବେ। ଏହାକୁ ନେଇ ଏହି ବୈଠକରେ ଆଲୋଚନା କରାଯିବା ସହ ମୁଖ୍ୟ ଅତିଥି କିଏ ରହିବେ କଣ କଣ ସବୁ କାର୍ଯ୍ୟକ୍ରମ ହେବ ତାହା ମଧ୍ୟ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ରାଜ୍ୟ ସଦସ୍ୟ ତଥା ଝାରସୁଗୁଡା ଜିଲ୍ଲାର ଯେଉଁ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ସେମାନେ ନିଜ ନିଜ ସୁଚିନ୍ତିତ ମତାମତ ଦେଇଥିଲେ। ରାଜ୍ୟ ସରକାରଙ୍କୁ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରକାରର ଅସୁବିଧାକୁ ସରକାରଙ୍କ ସମ୍ମୁଖରେ କିଭଳି ଭାବେ ରଖି ହେବ ସେନେଇ ନିଜ ମତ ରଖିଥିଲେ ରାଜ୍ୟ ସମ୍ପାଦକ ମେହେବୁବ ମେହେତାବ। ଆଜିର ଏହି କାର୍ଯ୍ୟକ୍ରମକୁ ଝାରସୁଗୁଡା ଜିଲ୍ଲା ସଭାପତି ସୁବାସ ପ୍ରଧାନ ସଞ୍ଚାଳନ କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ଯୌତୁକ ନିର୍ଯାତନା
## ସ୍ୱାମୀ, ଶାଶୂ ଓ ନଣନ୍ଦଙ୍କ ନାମରେ ମାମଲା

**ଦେବଗଡ଼, ୩୦।୬(ସମିସ):** ବାରକୋଟ୍ ଥାନା ଅଧୀନ କଲାଗ୍ରାମରେ ପ୍ରେମ ବିବାହ କରିଥିବା ଜଣେ ମହିଳାଙ୍କୁ ଶାଶୂଘର ଲୋକ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ନେଇ ବାରକୋଟ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ରିଆମାଳ ବୁଡିଦୋ ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀକୁ କଲାଗ୍ରାମର ମାନୋଜ ବେହେରା ଉଭୟ ପରିବାରଙ୍କ ଉପସ୍ଥିତିରେ ପ୍ରେମ ବିବାହ କରିଥିଲେ। ବିବାହର ତିନି ମାସ ପରଠାରୁ ଯୌତୁକ ବାବଦ ଟଙ୍କା ଓ ସୁନା ଦାବି କରିଥିଲେ। ମାତ୍ର କନ୍ୟାପକ୍ଷ ନିଜ ଅସମର୍ଥତା ପ୍ରକାଶ କରିବାରୁ ସ୍ୱାମୀ ମନୋଜ ଓ ଶାଶୂ ଯଶୋଦା ବିଭିନ୍ନ ସମୟରେ ଗାଳିଗୁଲଜ ଓ ମାଡ଼ ମାରି ଘରୁ ବାହାର କରୁଥିବା ପୀଡିତା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସ୍ୱାମୀ ମନୋଜ ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ ରଖୁଥିବାରୁ ତାଙ୍କୁ ଗୁରୁତ୍ୱ ଦେଉନଥିବା ଓ ମାଡ଼ ମାରିବା କାରଣରୁ ସେ ନିଜ ବାପ ଘରକୁ ଚାଲି ଯାଉଥିବା ଏବଂ ପରିବାର ଲୋକ ବୁଝାସୁଝା ପରେ ପୁଣି ନିଜ ଶାଶୂ ଘରକୁ ଫେରି ଆସିଥିଲେ ମଧ୍ୟ ପୁଣି ନିର୍ଯାତନା ଆରମ୍ଭ କାରୁଥିବା ଅଭିଯୋଗ କରିଛନ୍ତି। ବୁଧବାର ପୁଣିଥରେ ମନୋଜ ମାଡ଼ମାରି ଘରୁ ତଡି ଦେବାରୁ ମହିଳା ଜଣକ ନିଜ ବାପ ଘରକୁ ଯାଇ ବାରକୋଟ ଥାନାକୁ ଆସି ସ୍ୱାମୀ, ଶାଶୂ ଓ ନଣନ୍ଦଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଅଙ୍ଗନବାଡ଼ି କେନ୍ଦ୍ରରୁ ପିଲାଙ୍କ ଖାଦ୍ୟ ଚୋରି; ଥାନାରେ ମାମଲା

**ଦେବଗଡ଼, ୩୦।୬(ସମିସ):** ବାରକୋଟ ବ୍ଲକ ଅଧୀନ ସଇଡ଼ା ଗ୍ରାମର ୪ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରରୁ ପିଲାଙ୍କ ଖାଦ୍ୟ ଚୋରି ହୋଇଥିବାନେଇ ବାରକୋଟ ଥାନାରେ ଅଭିଯୋଗ ହୋଇଛି। ସାଇଡ଼ା ଗ୍ରାମର ୪ ନମ୍ବର ଅଙ୍ଗନବାଡ଼ିକେନ୍ଦ୍ର କର୍ମୀ ଶନିବାର ପୂର୍ବାହ୍ନ୧୧ ଟା ସମୟରେ ପିଲାଙ୍କୁ ଛୁଟି କରି କେନ୍ଦ୍ରରେ ତାଲାଦେଇ ଘରକୁ ଆସିଥିଲେ। ରବିବାର ଥିବାରୁ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର କବାଟ ଖୋଲା ଥିବା ଦେଖି ଗ୍ରାମର ଜଣେ ମହିଳା କର୍ମୀ ଜ୍ୟୋସ୍ନାମୟୀ ସାହୁଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ସୂଚନା ପାଇ ଶ୍ରୀମତୀ ସାହୁ କେନ୍ଦ୍ରରେ ପହଞ୍ଚି ଦେଖିବାବେଳେ କବାଟ ଖୋଲା ଥିବାବେଳେ ପିଲାଙ୍କ ଖାଦ୍ୟ ପାଇଁ ଥିବା ଚାଉଳ, ପନିପରିବା ଓ ନୂଆ ଚପଲ ସବୁ ଚୋରି ହୋଇଯାଇଚି। ଅଙ୍ଗନବାଡ଼ି କର୍ମୀ ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାସହ ଏ ନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ପାୱାର ହାଉସ୍ ରାସ୍ତା ଅବସ୍ଥା ଶୋଚନୀୟ, ମରାମତି ଦାବି

**ଝାରସୁଗୁଡ଼ା, ୩୦।୬(ସମିସ):** ଝାରସୁଗୁଡ଼ା ସହରର ସରବାହାଲ ପାଓର ହାଉସ୍ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାର ଅଭିଯୋଗ ହେବା ସହ ମରାମତି ପାଇଁ ଦାବି ହୋଇଛି। ଏହି ରାସ୍ତାରେ ଛୋଟ ବଡ଼ ଗାତ ହେବା ଫଳରେ ଗାଡ଼ି ଚାଳନାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଗତ ମାସରେ ରାସ୍ତା ଉପରେ ପିଚୁ ଢ଼ାଳି ତିନି ଫୁଟ୍ ଛାଡ଼ି ଦିଆଯାଇଥିଲା। ଯାହା ଫଳରେ ଗତ ମାସରୁ ସେହି ଜାଗାରେ ବଡ଼ ଗାତ ସହିତ ଛୋଟବଡ଼ ପଥର ରହିବା ଫଳରେ ବିଭିନ୍ନ ସମସ୍ୟା ଓ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ପ୍ରତିଦିନ ପାଓର ହାଉସ୍ ମରାକୁଟା ଜମେରା ଜମାପାଲି ସମେତ ବିଭିନ୍ନ ଗ୍ରାମର ଲୋକେ ସହରକୁ ପ୍ରତିଦିନ ଯିବା ଆସିବା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଏହି ତିନି ଫୁଟ୍ ରାସ୍ତାକୁ ସମତଳ କରି ରାସ୍ତା ନିର୍ମାଣ କରିବା ପାଇଁ ସରବାହାଲବାସୀ ଗତ ମାସରୁ ଦାବି କରିଛନ୍ତି।

# ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା, ୩୦।୬(ସମିସ):** ଲଖନପୁର ବ୍ଲକ କୁହାକୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ବିମ୍ବାଧର ଭୋଇଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର କୁହାକୁଣ୍ଡା ସରକାରୀ ବିଦ୍ୟାଳୟରେ ଦେବାଧୀ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ ସମାରୋହରେ ମୁଖ୍ୟଅତିଥି ଭାବେ ମୀନକେତନ ସା, ମୁଖ୍ୟବକ୍ତା ଭାବେ ଗୁରୁଦେବ ଭୋଇ, ସମ୍ମାନିତ ଅତିଥି ଭାବେ ଜନକତୋରା ସରପଞ୍ଚ ସୁଶାନ୍ତ ଚୈନୀ, ବିରାଟ ବିଶ୍ୱାଳ ପ୍ରମୁଖ ସାମିଲ ରହୁଥିବା ବେଳେ ବିନୋଦ



ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀ ଭୋଇଙ୍କୁ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଶିକ୍ଷକମାନଙ୍କ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ବିମ୍ବାଧର ମାତା ଗହଲ ଭୋଇ ଓ ପିତା ହୁକାଲୁ ଭୋଇଙ୍କ ଔରସରୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ବଡ଼ଧରା ଗ୍ରାମରେ ଜ୍ୟେଷ୍ଠ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ। ଶ୍ରୀ ଭୋଇ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କଲା ପରେ ସିଟି ତାଲିମ ସାରି ସେ ଶିକ୍ଷକତା ପେଶାବୃତ୍ତିକୁ ଆପଣେଇ ନେଇଥିଲେ। ସହକାରୀ ଶିକ୍ଷକ ଭାବରେ ପ୍ରଥମେ ୨୦୦୩ ନଭେମ୍ବର ୧୨ ମସିହାରେ ଲୁହାବଗା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯୋଗଦାନ କରିଥିଲେ। ପରେ ଝାରଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଓ କୁହାକୁଣ୍ଡା ସରକାରୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟକୁ ବଦଳି ହୋଇଥିଲା। ଦୀର୍ଘ ୨୧ ବର୍ଷ ଶିକ୍ଷକତା ଜୀବନ ମଧ୍ୟରେ ସଫଳ ଛାତ୍ରଛାତ୍ରୀ ଗଠନରେ ଶ୍ରୀ ଭୋଇଙ୍କ ଅତୁଳନୀୟ ଅବଦାନ ରହିଥିଲା। ତାଙ୍କ କଠିନ ପରିଶ୍ରମ ଓ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ଅନେକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିପାରିଛନ୍ତି।

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦେବଗଡ଼, ୩୦।୬(ସମିସ):** ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ରବିବାର ସମଗ୍ର ଶିକ୍ଷା କନଫରେନ୍ସ ହଲଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପଦାଧିକାରୀ ଶ୍ରୀବେହେରାଙ୍କ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତିତା ଏବଂ ତାଙ୍କର ସମସ୍ତ ସୁଗୁଣ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଶ୍ରୀ ବେହେରା ସମସ୍ତେ ମିଳିମିଶି ଜିଲ୍ଲାର ଶିକ୍ଷାର ଉନ୍ନତି ନିମନ୍ତେ କାମ କରିବା ପାଇଁ ତାଙ୍କ ବକ୍ତବ୍ୟରେ ମାର୍ଗଦର୍ଶନ କରିଥିଲେ। ଏହାପରେ ଉଭୟ ବିଭାଗ ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷଣ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗୀୟ ଅଧିକାରୀ ସୌଭାଗ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଓକିଲ ସଂଘର ବରିଷ୍ଠ ଦେୱାନୀ ଜଜ୍‌ଙ୍କ କୋର୍ଟ ବର୍ଜନ

**ଝାରସୁଗୁଡ଼ା, ୩୦।୬(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବରିଷ୍ଠ ଦେୱାନୀ ବିଚାରପତି ଜଷ୍ଟିସ୍ ଜୀବନାନନ୍ଦ ପାଢ଼ୀଙ୍କ କୋର୍ଟରେ ଓକିଲଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଗତ ୨୭ ତାରିଖରେ ଅନୁଷ୍ଠିତ ଜିଲ୍ଲା ଓକିଲ ସଂଘର ବୈଠକରେ ୨୮ ତାରିଖରୁ କୌଣସି ଓକିଲ ତାଙ୍କ କୋର୍ଟକୁ ଯିବେନି କି ବିଚାରାଧୀନ ମାମଲା ପରିଚାଳନା କରିବେନି ବୋଲି ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ଶୁକ୍ରବାରଠାରୁ କୌଣସି ଓକିଲ ଉକ୍ତ କୋର୍ଟକୁ ଯାଇନାହାନ୍ତି। କୋର୍ଟରେ ରହିଥିବା ସମସ୍ତ ମାମଲାକୁ ତୁରନ୍ତ ପ୍ରତ୍ୟାହାର କରି ଅନ୍ୟ ବରିଷ୍ଠ ଦେୱାନୀ ବିଚାରପତିଙ୍କ କୋର୍ଟକୁ ସ୍ଥାନାନ୍ତର କରିବାକୁ ଜିଲ୍ଲା ଓକିଲ ସଂଘ ଦାବି କରିଛି। ସଂଘ ପକ୍ଷରୁ କହାଯାଇଛି ଯେ, ଗତ ୨୬ ତାରିଖ ଏହି କୋର୍ଟରେ ୨୦୧୭ ମସିହାର ଏକ ମାମଲାର ଶୁଣାଣି ଥିଲା। ଯେଉଁଥିରେ ପ୍ରତିପକ୍ଷ ଓକିଲ ତାଙ୍କର କ୍ଲୋଜିଂ ମେମୋ ଅପରାହ୍ଣରେ ଫାଇଲ୍ କରିଥିଲେ। ଯାହା କି ଅଭିଯୋଗକାରୀଙ୍କ ଓକିଲକୁ ଜଣାନଥିଲା। ବିଚାରପତି ଉଭୟ ପକ୍ଷର ଜବାବ ସୁଆଲ ଶୁଣିବା ପରେ ରାୟ ନିର୍ଣ୍ଣୟ କରିଥିବା ନେଇ ଉଲ୍ଲେଖ କରିବା ସହ ୨୯ ତାରିଖରେ ରାୟ ପ୍ରକାଶ ପାଇବ ବୋଲି ଅବଗତ କରିଥିଲେ। ଯାହାକୁ ନେଇ ଅଭିଯୋଗକାରୀଙ୍କ ଓକିଲ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହା ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିବା ଜିଲ୍ଲା ଓକିଲ ସଂଘ ସଭାପତି ରାଧାକାନ୍ତ ସା କହିଛନ୍ତି। ସଂଘ ପକ୍ଷରୁ କହାଯାଇଛି ଯେ, ଗତ ୩ ମାସ ତଳେ ଘଟିଥିବା ଏଭଳି ଏକ ଘଟଣାରେ ହାଇକୋର୍ଟ ହସ୍ତକ୍ଷେପ କରିବା ପରେ ଜିଲ୍ଲା ଜଜ୍ ଆପୋସ ଆଲୋଚନାରେ ବିବାଦର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏ ସଂକ୍ରାନ୍ତରେ ଗତ ମାର୍ଚ୍ଚ ୫ ତାରିଖରେ ଜିଲ୍ଲା ଓକିଲ ସଂଘର ଏକ ରିଜୋଲ୍ୟୁସନ୍ ପାରିତ ବି ହୋଇଥିଲା। କିନ୍ତୁ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନଥିଲା। ଏହା ପରେ ଆଇନଜୀବୀ ସୁଶୀଳ ପଟେଲ, ମୁନ୍ନା ମେହେର ଓ ଦିନେଶ ଜୈନଙ୍କ ଅଭିଯୋଗ ମଧ୍ୟ ଜିଲ୍ଲା ଓକିଲ ସଂଘ ନିକଟକୁ ଆସିଥିଲା। ଯେଉଁଥିରେ କୋର୍ଟ ଭିତରେ ବିଚାରପତିଙ୍କ ବ୍ୟବହାର ଠିକ୍ ରହୁନଥିବା ସେମାନେ ଅଭିଯୋଗ କରିଥିଲେ। ଏହି କାରଣରୁ ଗତ ୨୭ ତାରିଖରୁ ବୈଠକ ଡକାଯାଇ ଉକ୍ତ କୋର୍ଟ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଭାପତି ଶ୍ରୀ ସା କହିଛନ୍ତି।

## ଅଚିହ୍ନା ଶବ ସତ୍କାର କଲା ସଂକଳ୍ପ ପରିବାର



**ବରଗଡ଼, ୩୦।୬ (ସମିସ):** ବରଗଡ଼ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ତରଫରୁ ଆଜି ଏକ ଅଚିହ୍ନା ଶବ ସତ୍କାର କରାଯାଇଛି। ସୂଚନା ମୁତାବକ ବରଗଡ଼ ଜିଲ୍ଲା ସୋହେଲା ଥାନା ଅନ୍ତର୍ଗତ କନଗାଁ ଗ୍ରାମ ନିକଟରେ ଗତ ୨୬ ତାରିଖ ଦିନ ଏକ ମୃତ ବ୍ୟକ୍ତିଙ୍କ ଶବ ପଡ଼ିରହିଥିବା ସୂଚନା ସୋହେଲା ପୁଲିସ ଘଟଣା ସ୍ଥାନକୁ ପହଞ୍ଚି ମୃତ ବ୍ୟକ୍ତିଙ୍କ ପଞ୍ଚନାମା କରିବା ସହିତ ତାର ପରିଚୟ ଖୋଜିବାରେ ବହୁ ଚେଷ୍ଟା କରିବା ସତ୍ତ୍ୱେ ଆଜି ୭୨ ଘଣ୍ଟା ବିତିଯାଇ ଥିଲେ ମଧ ତାର କୌଣସି ପରିଚୟ ମିଳି ପାରିନଥିଲା। ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରକୁ ଶବ ସତ୍କାର କରିବା ପାଇଁ ଅନୁରୋଧ କରିଥିଲେ। ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ମୃତ ବ୍ୟକ୍ତିଙ୍କ ଶବ ସତ୍କାର ସମ୍ମାନର ସହିତ କରାଯାଇଥିଲା। ଏଥିରେ ସମ୍ପାଦକ ଜି. ରମେଶ, ବିକାଶ ଅଗ୍ରୱାଲ, ପ୍ରତ୍ୟୁଷ ଷଡଙ୍ଗୀ, ଆଲୋକ ସାହୁ, ଲୋକନାଥ ମେହେର ପ୍ରମୁଖ ସାହାଯ୍ୟ କରିଥିବା ବେଳେ ସୋହେଲା ଥାନା ଏ.ଏସ. ଆଇ ପୁଷ୍ପା ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ।

## ବିଦ୍ୟାର୍ଥୀଙ୍କ ଜନ୍ମ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ 'ଜୀବନ ବୃକ୍ଷ'

**ଝାରବନ୍ଧ, ୩୦।୬(ସମିସ)**

ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିବସ ସାହୁଙ୍କ ଦ୍ୱାରା ପରିବେଶ ସୁରକ୍ଷା ପାଇଁ ଏକ ଅଭିନବ ଉଦ୍ୟମ ଆରମ୍ଭ କରାଯାଇଛି। ଶ୍ରୀ ସାହୁ ନିଜ ଜନ୍ମଦିନ ଅବସରରେ ତୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନ୍ମଦିନ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଦ୍ୟାଳୟ କ୍ୟାବିନେଟ ମନ୍ତ୍ରୀଗଣ ତଥା ଇକୋ କ୍ଲବର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନୂତନ ଭାବେ 'ଜୀବନ ବୃକ୍ଷ' ବୋଲି ନାମିତ କରାଯାଇଛି। ପିଲାମାନେ ତଥା ଅଭିଭାବକ ପିଲାମାନଙ୍କ ଜନ୍ମଦିନରେ ପରିବେଶ ସହ ଜଡ଼ିତ ରହିବା ପାଇଁ ପ୍ରୟାସ କରାଯାଇଛି। ସୂଚନାଯୋଗ୍ୟ ଯେ ସିଆରସିସି ଶ୍ରୀ ସାହୁ ପୂର୍ବରୁ ତୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୧୮ରେ ଶିକ୍ଷକତା କରିବା ସମୟରୁ ବିଦ୍ୟାର୍ଥୀଙ୍କ ଜନ୍ମଦିନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରି ଆସୁଛନ୍ତି। ସିଆରସିସି ହେବା ପରେ ବୈତାଳି କ୍ଲଷ୍ଟର ଅନ୍ତର୍ଗତ ୧୧ ଟି ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ଚାଲିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଗତବର୍ଷ ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ୟୁଥ ଏବଂ ଇକୋ କ୍ଲବ ତରଫରୁ ଅନେକ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିଲା। ସେଥିରେ ସ୍ଥାନୀୟ ପରିବେଶ କର୍ମୀ ତଥା ଜଙ୍ଗଲ ଏବଂ ପରିବେଶ ବିଭାଗର କର୍ମଚାରୀ ମାନେ ଯୋଗଦାନ କରି ସଚେତନତା ସୃଷ୍ଟି କରିଥିଲେ। ପରିବେଶ ସୁରକ୍ଷା ନିମନ୍ତେ ଶ୍ରୀ ସାହୁଙ୍କ ଏହି ଉଦ୍ୟମକୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।




## ରାଜ୍ୟସ୍ତରୀୟ ଚକ୍ଷୁ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳା

**ବରଗଡ଼, ୩୦।୬ (ସମିସ) :** ପଶ୍ଚିମ ଓଡ଼ିଶାର ଜଣାଶୁଣା ଚକ୍ଷୁ ଚିକିତ୍ସା କେନ୍ଦ୍ର ଭାବେ ପରିଚିତ ସୁନୟନା ଚକ୍ଷୁ ଚିକିତ୍ସା କେନ୍ଦ୍ର ବରଗଡ଼ ଦ୍ୱାରା ଆୟୋଜିତ ଚକ୍ଷୁରୋଗ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚକ୍ର ବରଗଡ଼ର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ଚକ୍ଷୁ ଚିକିତ୍ସକ ସଂଘର ସଭାପତି ଡା. ସୁବଳ କିଶୋର କର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୭୦ ଜଣ ଚକ୍ଷୁ ବିଶେଷଜ୍ଞ ଯୋଗ ଦେଇଥିବା ବେଳେ ଆଜର୍ବାଇଯାନରୁ ଜଣେ ଚକ୍ଷୁ ରୋଗ ଡାକ୍ତର ରାମିନ ଖାଲିଲୋଭ ଆସି ତାଙ୍କ ବକ୍ତବ୍ୟ ରଖିଥିଲେ। ସେହିପରି ଭୁବନେଶ୍ୱରର ବରିଷ୍ଠ ଡା. ଅଶୋକ କୁମାର ନନ୍ଦ, ବ୍ରହ୍ମପୁରରୁ ଡା. ପ୍ରବୀଣ ସୁବୁଦ୍ଧି, ସମ୍ବଲପୁର ରୁ ଡା. ଶିବ ପ୍ରସାଦ ସାହୁ ଓ ଡା. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଚକ୍ଷୁ ରୋଗ ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ବରଗଡ଼ରେ ଏହି ପ୍ରକାର ସମ୍ମିଳନୀ ପ୍ରଥମ ଥର ଆୟୋଜନ ହୋଇ ସଫଳ ଭାବେ ହୋଇଥିବାରୁ ଆୟୋଜକ ଡା. ସୁଶୀଲ କୁମାର କର ସମସ୍ତଙ୍କୁ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡା. ସୁରେଶ ଦାନୀ, ଡା. ଦିଲ୍ଲୀପ ପଟ୍ଟନାୟକ, ପ୍ରଫେସର ଗୁଣ ସାଗର ଦାସ, ପ୍ରଫେସର ଜୟଶ୍ରୀ ଦୋରା, ସସ୍ମିତା ବେହେରା, ଡା. ସମୀର ପାତ୍ର, ଡା. ଶ୍ରୀମନ୍ତ ବେହେରା, ଡା. ପ୍ରଦୀପ ବର୍ମା, ଡା. ସୁକାନ୍ତ ପାଣିଗ୍ରାହୀ, ଡା. ଜଗଦୀଶ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଡା. ସୁବଳ କିଶୋର କର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୁନୟନ ଆଇ କେୟାରର ଡାଇରେକ୍ଟର ସୁନିତା କର, ଡା.ଗୀତା କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

**ବରଗଡ଼, ୩୦।୬ (ସମିସ):** ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ୯୪ତମ ଜନ୍ମ ଜୟନ୍ତୀ ଅବସରରେ ସମତାବିନ୍ଦୁ ରକ୍ତଦାନ ସଂସ୍ଥା ତରଫରୁ ସ୍ଥାନୀୟ ସମତା ଭବନ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଚାଷୀ ନେତା ଲିଙ୍ଗରାଜ ଓ ଶିବ ପ୍ରସାଦ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ସର୍ବମୋଟ ୪୫ଜଣ ମହିଳା ଓ ପୁରୁଷ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ସତ୍ୟ, ସେବା ଓ ସମତା ମୂଳକ ଚିନ୍ତାଧାରାର ଯେପରି ବିକଳ୍ପ ନାହିଁ ସେହିପରି ରକ୍ତ ଆବଶ୍ୟକ କରୁଥିବା ରୋଗୀ ମାନଙ୍କ କ୍ଷେତ୍ରରେ ରକ୍ତର ମଧ କୌଣସି ବିକଳ୍ପ ନାହିଁ। ଏଣୁ ରକ୍ତ ଅଭାବରେ ଯେପରି କୌଣସି ରୋଗୀର ମୃତ୍ୟୁ ନହୁଏ ସେଥିପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି। ରକ୍ତଦାନ କରି ଯଦି ଆମେ ଏକ୍ଷେତ୍ରରେ କାମକରିବା ତାହାହିଁ ହେବ କିଶନ ପଟ୍ଟନାୟକଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ଯୋଗଦାନ କରି ରକ୍ତ ସଂଗ୍ରହ କରିଥିଲେ। ପ୍ରତିବର୍ଷ ପରି ଆଗାମୀ ଦିନରେ ମଧ ଏହିପରି ରଚନାତ୍ମକ କାମ ଆଗକୁ ଜାରି ରଖିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ ଓ ସମ୍ପାଦକ ହର ବଣିଆ ଶିବିର ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର ମହେଶ ପଧାନ, ଲଳିତ ସାହୁ, କିଶୋର ସାହୁ, ଅରୁଣ ପ୍ରଧାନ, ସୌଦା ଭୋଇ ଓ ଲିପିକା ବଣିଆ ସହଯୋଗ କରିଥିଲେ।



## ପଦ୍ମପୁରରେ ରକ୍ତଦାନ ଶିବିର



**ପଦ୍ମପୁର, ୩୦।୬ (ସମିସ):** ପଦ୍ମପୁର ଜେନିଥ୍ ଲାୟନ୍ସ ଗୁରୁକୂଳ ଶିକ୍ଷାନୁଷ୍ଠାନର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ କର୍ମଚାରୀ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ମୁଖ୍ୟ ଅତିଥି ଭାବରେ ପଦ୍ମପୁରର ବରିଷ୍ଠ ଡାକ୍ତର ଯଦୁମଣି ସାହୁ, ସମ୍ମାନିତ ଅତିଥି ଭାବେ ଡାକ୍ତର ସୁମିତ ମିଶ୍ର, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ସନ୍ତୋଷ କୁମାର ବେହେରା ପରିଚାଳନା କମିଟିର ପ୍ରତାପ ମିଶ୍ର, ଶୁସାନ୍ତ ରଥଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମପୁର ଉପଖଣ୍ଡ ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ଦୀପକ ସାହୁ, ଜିତେନ୍ଦ୍ରିୟ ଗୁର୍ଲା, ଶ୍ୟାମସୁନ୍ଦର ସାହୁ, ପପୁ ମାଝୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ଲାୟନ୍ସ କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



**ବରଗଡ଼, ୩୦।୬(ସମିସ):** ରବିବାର ଦିନ ରେଲୱେଷ୍ଟେସନ ନିକଟରେ ଥିବା ଏକ ହୋଟେଲରେ ବରଗଡ଼ ଲାୟନ୍ସ କ୍ଲବ ଦ୍ୱାରା ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହାକୁ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଡା. ଓମ୍ ପ୍ରକାଶ ଅଗ୍ରୱାଲ ଓ ଡା. ସ୍ୱାଧିନ ଶର୍ମା ଉଦଘାଟନ କରିଥିବା ବେଳେ ଡା. ପ୍ରବୀଣ ଅଗ୍ରୱାଲ, ଡା. ଅର୍ଚ୍ଚନା ଅଗ୍ରୱାଲ, ଡା. ରାକେଶ ଗୋୟଲ, ଡା. ପ୍ରଶାନ୍ତ ମୋଟାରି, ଡା. ଶକ୍ତି କୁମାର ତ୍ରିପାଠୀ, ଡା. ଇସ୍ମିତା ଦେବତା ପ୍ରମୁଖ ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ରେଳଷ୍ଟେସନପଡ଼ା, ଗୋବିନ୍ଦପାଲି, ତୋରା, ରୁହୁଣିଆଁ ଆଦି ଅଞ୍ଚଳର ୨୦୦ରୁ ଅଧିକ ରୋଗୀଙ୍କୁ ପରାମର୍ଶ ଦେବା ସହିତ ଔଷଧ ବଣ୍ଟନ କରିଥିଲେ।

ଏହି ସ୍ୱାସ୍ଥ୍ୟ ଶିବିରରେ ସାଇ ମଲ୍ଟି ସ୍ପେସାଲିଟି ହସ୍ପିଟାଲ ପକ୍ଷରୁ ଚିନ୍ମୟୀ ପଣ୍ଡା, ଗୁନ୍‌ଗୁନ୍ ବେହେରା, ଦୀପା ରଣା ଓ ରାଜ ପାଥୋଲ୍ୟାବ ପକ୍ଷରୁ ରାଜ କିଶୋର ପାଣିଗ୍ରାହୀ, ଆଲୋକ ମେହେର, ସଂଧ୍ୟାରାଣୀ ବେନିଆଁ ପ୍ରମୁଖ ସହଯୋଗ କରିଥିଲେ।

ଏହି ଶିବିରରେ ବରଗଡ଼ ଲାୟନ୍ସ କ୍ଲବର ସମସ୍ତ ସଦସ୍ୟ ସଦସ୍ୟା ଯୋଗଦେଇଥିବା ବେଳେ ମୁଖ୍ୟ ସଂଯୋଜକ ଅଭୟ କୁମାର ଭୋଇ ପରିଚାଳନା କରିଥିଲେ। ଆସନ୍ତା ମାସରେ ପଞ୍ଚାୟତ ସ୍ତରରେ ଏହିପରି ଶିବିର ଆୟୋଜନ କରାଯିବ ବୋଲି ସଭାପତି କିଶନ ଅଗ୍ରୱାଲ ପ୍ରକାଶ କରିଥିଲେ।

## ବିଜେପୁର ବ୍ଲକ୍ କଳାକାର ସଂଘର ନୂତନ କର୍ମକର୍ତ୍ତା



**ବରଗଡ଼, ୩୦।୬(ସମିସ) :** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ କଳାକାର ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ସନ୍ତୋଷ ଦେହେରୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ବ୍ଲକରେ କଳାକାର ମାନଙ୍କର ଉନ୍ନତି ପାଇଁ ସଂଘ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟର ସଫଳ ରୂପାୟନ ନିମିତ୍ତ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରିବାକୁ ନିଷ୍ପତ୍ତି ହୋଇଥିଲା। ନାଟ୍ୟକାର ମୋହନ ସିଂ କନ୍ହେଇ ସଭାପତି, ଦେବେନ୍ଦ୍ର ମଟାରୀ ଉପସଭାପତି, ନବୀନ କୁମାର ସାହୁ ସମ୍ପାଦକ, ରାଜେଶ୍ୱର ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ଦୁଇ ତିନୋଟି ପଞ୍ଚାୟତରୁ ଜଣେ ଲେଖାଏଁ ସଦସ୍ୟଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଅମୃତ ବିଶି, ଜଗନ୍ନାଥ କୁମ୍ଭାର, ଭରତ ଚନ୍ଦ୍ର ସାହୁ, କାଶୀନାଥ ପଟେଲ, ଗୋଦାବରୀ ପ୍ରଧାନ, ଚୂଳ ବାରିକ, ନରେଶ ବନଛୋର, ଦେବରାଜ ଖମାରୀ, କମଳେଶ ସାହୁ, ସୁଦର୍ଶନ ବନଛୋର, ବିରେନ୍ଦ୍ର ବିଭାର, ଦେବରାଜ ଛତ୍ରିଆ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ନୀଳମଣି ମେହେର, ସାମ୍ବାଦିକ ଜିତେନ୍ଦ୍ରିୟ ମେହେର, ଭରତ ସାହୁ, ଆଶିଷ ବେହେରା, ରାକେଶ ଷାଣ୍ଡେ, ତୁଳସୀ ରାମ ମେହେର, ଚୈତନ୍ୟ ପାତ୍ର, ଶେଷଦେବ ପଟେଲ, ସୁରେଶ ପ୍ରଧାନ, କୃଷ୍ଣ ଚନ୍ଦ୍ର ମେହେର, ଭୁବନେଶ୍ୱର ପଧାନ, ଆକାଶବାଣୀ କଣ୍ଠଶିଳ୍ପୀ ଲେଖୋରାମ ମେହେର, ସମୀର ମେହେର ସମେତ ଶତାଧିକ କଳାକାର ଯୋଗଦାନ କରିଥିଲେ।

## କନ୍ଧାଡଙ୍ଗର ମଣ୍ଡି କମିଟି ପକ୍ଷରୁ ପ୍ରଶାସନକୁ ଧନ୍ୟବାଦ

**ଝାରବନ୍ଧ, ୩୦।୬ (ସମିସ):** ଝାରବନ୍ଧ ବ୍ଲକ କନ୍ଧାଡଙ୍ଗର ମଣ୍ଡି ପ୍ରାଙ୍ଗଣରେ ମଣ୍ଡି ପରିଚାଳନା କମିଟି, କାର୍ଯ୍ୟରତ ଅଧିକାରୀ ଓ ମଣ୍ଡିରେ ଧାନ ସଂଗ୍ରହ ବେଳେ ଥିବା ଶ୍ରମିକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା। ମଣ୍ଡିର ସୁବ୍ୟବସ୍ଥା ନେଇ ସମସ୍ତ ଚାଷୀ ଖୁସି ଅନୁଭବ କରିଥିଲେ। ନବ ନିର୍ମିତ ମଣ୍ଡି, ପିଣ୍ଡିରେ ଧାନ ଭଲ ଭାବରେ ରଖାଯାଇଥିଲା। ବର୍ଷା ପାଣିର କୌଣସି ପ୍ରଭାବ ଧାନ ଉପରେ ପଡ଼ି ନଥିଲା। ବ୍ୟବସ୍ଥିତ ଭାବରେ ରବି ଫସଲ ଧାନ ସଂଗ୍ରହ ଓ ବିକ୍ରୟ ହୋଇ ଥିବାରୁ ମଣ୍ଡି ପରିଚାଳନା କମିଟି ଉଚ୍ଚ ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଚାଷୀ ଓ ପ୍ରଶାସନର ଉତ୍ତମ ବୁଝାମଣା ଥିଲେ, କୌଣସି ଅସୁବିଧା ହୁଏ ନାହିଁ ବୋଲି କମିଟି ସଦସ୍ୟମାନେ କହିଥିଲେ। ଆଗାମୀ ଦିନରେ ସରକାରଙ୍କ ନିର୍ବାଚନ ପ୍ରତିଶୃତି ପାଳନ କରିବାକୁ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଧାନମଣ୍ଡି ସହ ଏକ ନୂତନ ପ୍ୟାକ୍ସ କାର୍ଯ୍ୟକାରୀ କରିବାକୁ କମିଟି ସଦସ୍ୟମାନେ ସମ୍ପୃକ୍ତ ପଦାଧିକାରୀଙ୍କ ଦୃଷ୍ଟି କରିଥିଲେ।



## କ୍ରିଷ୍ଣା ବିକାଶ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲ୍‌ଫେୟାର୍ ଶିକ୍ଷାନୁଷ୍ଠାନ ସମ୍ମାନିତ



**ବରଗଡ଼, ୩୦।୬(ସମିସ):** କଟକ ସ୍ଥିତ ଶତାବ୍ଦୀ ଭବନ ଠାରେ ଦିଲ୍ଲୀ ସ୍ଥିତ ୱାର୍ଲ୍ଡ ଚେରିଟି ୱେଲଫେୟାର ଫାଉଣ୍ଡେସନ ଦିଲ୍ଲୀ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସଦର ବିଧାୟକ ପ୍ରକାଶ କୁମାର ସେଠୀ, ମୁଖ୍ୟ ବକ୍ତା ଭାବରେ କୁଳପତି ବୈଦିକ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ତାମିଲନାଡୁର ଏସ .ଆଇ ହରିହର କାନୁନଗୋ, ସମ୍ମାନିତ ଅତିଥି ଏସ.ଜେ ବିନାୟକ କୁମାର ପଣ୍ଡା (ସୋସିଆଲିଷ୍ଟ ସି.ଟି.ସି) ସମାଜସେବୀ ତଥା ଶିକ୍ଷାବିତ୍ ଗଣ ଅଂଶଗ୍ରହଣ କରିଥିଲେ। ବରଗଡ଼ ସ୍ଥିତ ଡି. ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ତରଫରୁ ଖୋଲିଥିବା ପ୍ରାୟ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ ଜନଜାତି ଓ ଅନୁସୂଚିତ ଜାତି ମାନଙ୍କୁ ନିଃସ୍ୱାର୍ଥ ଭାବରେ ମାଗଣା ଖାଦ୍ୟ, ପେୟ, ବସ୍ତ୍ର ଓ ପାଠ୍ୟ ସାମଗ୍ରୀ ସାଥେ ଅଶିକ୍ଷିତ ଅନୁନ୍ନତ ପରିବାରରୁ ଆଣି ଶିକ୍ଷା କ୍ଷେତ୍ରରେ ମାଇଲ ଖୁଣ୍ଟ ସ୍ଥାପନ କରିଥିବାରୁ ଉକ୍ତ କ୍ରିଷ୍ଣା ବିକାଶ ବିକାଶ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲ୍‌ଫେୟର୍ ଶିକ୍ଷ୍ୟାନୁଷ୍ଠାନ କୁ ଡା. ବି. ଆର ଆମ୍ବେଦକର ଅନ୍ତର୍ଜାତୀୟ ପୁରସ୍କାରରେ ପୁରସ୍କୃତ କରାଯାଇ ଥିଲା। କ୍ରିଷ୍ଣା ବିକାଶ ବିକାଶ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲ୍‌ଫେୟର୍ ବିଦ୍ୟାଳୟରର ଉଲ୍ଲେଖ ଅବଦାନ ପାଇଁ ବିଦ୍ୟାଳୟର ପ୍ରଧାନ ଅଧ୍ୟକ୍ଷ ଡା.ଡୋଳାମଣି ଶତପଥୀ ମୁଖ୍ୟ ଅତିଥିଙ୍କ ଠାରୁ ବିଦ୍ୟାଳୟର ପୁରସ୍କାର ଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକ ପ୍ରମୋଦ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଝାରବନ୍ଧ, ୩୦।୬(ସମିସ):** ଗୌଡ଼ମାଳ ଅଞ୍ଚଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି। ବିଦ୍ୟାଳୟ ପରିସରରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ମାଧମିକ ଶିକ୍ଷକ ସଂଘ ସଦସ୍ୟ, ଅବିଭାବକ, ପୁରାତନ ଛାତ୍ର, ଅବସରପ୍ରାପ୍ତ ଶିକ୍ଷକ, ଛାତ୍ର ଛାତ୍ରୀ, ଗ୍ରାମବାସୀ ଉପସ୍ଥିତିରେ ଶିକ୍ଷକ କରୁଣା ମହାନନ୍ଦଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା।ଶିକ୍ଷକ ଗଣେଶ ଭୋଇ ମଞ୍ଚ ପରିଚାଳନା କରି ଥିଲେ।ଅବସର ନେଇଥିବା ପ୍ରଧାନ ଶିକ୍ଷକ ଗୋଲକ ପ୍ରସାଦ ପ୍ରଧାନ, ପ୍ରଫୁଲ୍ଲ ମାଝୀ, ନିରଞ୍ଜନ ପ୍ରଧାନ, ନନ୍ଦଲାଲ ନାୟକ, ଭବାନି ଭୋଇ, ଦେବରାଜ ପ୍ରଧାନ, ଶିକ୍ଷାବିତ ରସାନନ୍ଦ ପ୍ରଧାନ ଯୋଗଦାନ କରି ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କ ଶିକ୍ଷାଶୈଳୀ, ଛାତ୍ର ବତ୍ସ୍ୟଳତା, ବିଦ୍ୟାଳୟର ଶୈକ୍ଷୀକ ପରିବେଶ, ବିଦ୍ୟାଳୟ ପରିଚାଳନାର ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ।ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ପ୍ରଧାନ, ପୁରାତନ ଛାତ୍ର ପଦ୍ମନ ରଣା, ରିଙ୍କୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରି ଥିଲେ।ଛାତ୍ର ଛାତ୍ରୀମାନେ ଭାବ ବିହ୍ୱଳ ହୋଇ ପ୍ରିୟ ଶିକ୍ଷକଙ୍କୁ ତାଙ୍କ ବାସ ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ପାଛୋଟି ନେଇ ଥିଲେ।



## ଦହିଗାଁ ପଲ୍ଲୀବିକାଶ ସମିତି ତରଫରୁ ସାର୍ଟିଫିକେଟ ପ୍ରଦାନ



**ଦହିତା, ୩୦।୬(ସମିସ):** ପଦ୍ମପୁର ଉପଖଣ୍ଡ ଦହିଗାଁ ଠାରେ ପଲ୍ଲୀ ବିକାଶ ସମିତି ତରଫରୁ ସିଲେଇ ତାଲିମ କେନ୍ଦ୍ରରେ ୩୦ଜଣ ତାଲିମ ନେଇଥିବା ଓ ଶିକ୍ଷା ଲାଭ କରିଥିବାରୁ ସେମାନଙ୍କୁ କମିଟି ମାଧମରେ ସାଟିଫିକେଟ ପ୍ରଦାନ କରାଯାଇଥିଲା। କମିଟିର ସମ୍ପାଦକ ଭୂମିସୁତା ମେହେର, ନିର୍ଦ୍ଦେଶକ ଅନନ୍ତ ପ୍ରଧାନ, ଉପ ନିର୍ଦ୍ଦେଶକ ସାଗର ମେହେର, ଭଗବତୀ ପ୍ରଧାନ, ଶିକ୍ଷୟିତ୍ରୀ ବାସନ୍ତୀ ବିଶ୍ୱାଳଙ୍କ ଉପସ୍ଥିତିରେ ଛାତ୍ର /ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ର/ଛାତ୍ରୀ କମିଟିର କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ୮୦ କେଜି ଗଞ୍ଜେଇ ଜବତ, ୬ ଗିରଫ



**ସମ୍ବଲପୁର, ୩୦।୬(ସମିସ):** ସମ୍ବଲପୁର ଗୁଇନ୍ଦା ଅବକାରୀ ବିଭାଗ ପୁଣି ବଡ଼ ସଫଳତା ମିଳିଛି। ଛୁଟି ଦିନ ଦେଖି ଅଭିଯୁକ୍ତ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ମାଡି ବସିଛି। ଗୁଇନ୍ଦା ଅବକାରୀ ବିଭାଗ ସୂଚନା ଅନୁସାରେ ରବିବାର ସମ୍ବଲପୁର ସହରର ଅଇଁଠାପାଲି ଛକରୁ ୨ ଗୋଟି କାର ମଧ୍ୟରୁ ୮୦ କେଜି ବେଆଇନ ଚୋରା ଚାଲାଣ ହେଉଥିଲା। ଗଞ୍ଜେଇକୁ ଜବତ କରାଯିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅଭିନାଶ ଚୌହାନ, ନୀରଜ କୁମାର, ସୁରେନ୍ଦ୍ର କୁମାର, ମହମ୍ମଦ ସାଦିକ, ଯସ କୁମାର, ଅନୀଲ କୁମାର। ଦୁଇଗୋଟି କାର ଡିଏଲ- ୭- ସିଟି- ୪୨୧୧, ୟୁପି ୨୦ ଭି-୮୯୯୮ ଜବତ ହୋଇଛି। ବୌଦ୍ଧ ଜିଲ୍ଲାରୁ ଉତ୍ତରପ୍ରଦେଶ ଚାଲାଣ ହେଉଥିଲା। ଦୁଇଟି କାରରୁ ୮୦ କେଜି ଗଞ୍ଜେଇ ଜବତ ହୋଇଛି।

# ସମ୍ବଲପୁରରେ ଦଣ୍ଡନୃତ୍ୟ କଳାକାର ଚୁନି ବଗର୍ତ୍ତି

**ସମ୍ବଲପୁର, ୩୦।୬ (ସମିସ):** ସମ୍ବଲପୁରରେ ଦଣ୍ଡ ନୃତ୍ୟରେ ରାଧା ଭୁମିକାରେ ଅଭିନୟ କରୁଥିବା କଳାକାର ଚୁନି ବଗର୍ତ୍ତି ଆସିଛନ୍ତି। ସମାଜିକ କର୍ମୀ ନିହାଲ ସିଂଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବୌଦ୍ଧ ଜିଲ୍ଲାର କଣ୍ଠାମାଳ ବ୍ଲକର ପରିବନ୍ଧ ଗ୍ରାମର କଳାକାର ଚୁନି ବଗର୍ତ୍ତି ଛୋଟବେଲୁ କଳା ଓ ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଥିଲା। ଏବେ ପଶ୍ଚିମ ଓଡ଼ିଶାରେ ଦଣ୍ଡ ନୃତ୍ୟ ମହିଳା ଦଳ ଗଠନ କରି ଅତି କମ ବୟସରେ



ପୁର୍ବ ଓ ପଶ୍ଚିମ ଓଡ଼ିଶାରେ ସୁନାମ କରିଛନ୍ତି। ସମ୍ବଲପୁର ପାନ୍ଥନିବାସ ଠାରେ ଅନ୍ୟକଳାକାରଙ୍କ ସହ ଭେଟିଥିଲେ। ଦଣ୍ଡ ନୃତ୍ୟ କଳା ପ୍ରତିଭାକୁ ପ୍ରଶଂସା କରିବା ସହ ସନ୍ଥ କବି ଭିମ ଭୋଇ, ଗଙ୍ଗାଧର ମେହେର, ମାତା ସାବିତ୍ରୀ ବାଇ ଙ୍କ ଲେଖନ କୁ ପଶ୍ଚିମ ଓଡ଼ିଶା ଓ ରାଜ୍ୟରେ ନିଜ କଳା ପ୍ରତିଭା ମାଧ୍ୟମରେ ସମାଜକୁ ବାର୍ତ୍ତା ଦେବାପାଇଁ ପରାମର୍ଶ ଦେଇଥିଲେ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରେନ୍‌କୋର୍ଟ ବଣ୍ଟନ




**ସମ୍ବଲପୁର, ୩୦।୬(ସମିସ):** ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପକ୍ଷରୁ ସଭାପତି ଦୀପକ ପାଣ୍ଡେ ଙ୍କ ନେତୃତ୍ୱରେ ଆଜି କ୍ଷେତରାଜପୁର ଠାରେ ୫୦ ରୁ ଉର୍ଦ୍ଧ ପରିବାରଙ୍କୁ ରେନୀକୋଟ ବଣ୍ଟନ କରାଯାଇଥିଲା। ବର୍ଷା ମାସ ଆସୁଥିବାରୁ ସେଠାରେ ବସବାସ କରୁଥିବା ଗରିବ ଶ୍ରେଣୀ ପରିବାରଙ୍କୁ ଦିଆଯାଇଥିଲା। ବହୁ ଲୋକଙ୍କ ଘରରେ ଛତା ଟିଏ ମଧ୍ୟ ନାହିଁ।ତେଣୁ ଆଜି ଅନୁଷ୍ଠାନ ପକ୍ଷରୁ ବର୍ଷା ମାସ ପ୍ରଥମରୁ ଲୋକଙ୍କୁ ରେନୀକୋଟ ବଣ୍ଟନ କରାଯାଇଛି। ବର୍ଷା ହେବା ପୂର୍ବରୁ ଲୋକେ ସେହି ରେନୀକୋଟ ସାହାଯ୍ୟରେ ବର୍ଷା ସମୟ ରେ ଯାଇ ଆସି ପାରିବେ। ଏହି କାର୍ଯ୍ୟକ୍ରମରେ ସେବା ଅନୁଷ୍ଠାନର କୋଷାଧକ୍ଷ ବାବଲୁ ଚାନ୍ଦ, ବୁଧୁ ପାତ୍ର, ପ୍ରେମରାଜ ମେହେର, ଆର୍ତ୍ତ ମିଶ୍ର, ସିଗ୍ଧିଧା ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସମ୍ବଲପୁରୀ ବହିହାଟ୍ ଉଦ୍‌ଯାପିତ

# 'ଯୁଗୋପଯୋଗୀ ହେଲେ ଭାଷା ସାହିତ୍ୟ ସମୃଦ୍ଧ ହେବ'

**ସମ୍ବଲପୁର, ୩୦।୬(ସମିସ)**

କଲମ ପରିବାର ସମ୍ବଲପୁର ଓ ଘଣ୍ଟି ସାହିତ୍ୟ ଘର ଚିପିଲିମା ପକ୍ଷରୁ ଚାଲିଥିବା ସମ୍ବଲପୁରୀ ବହିହାଟ୍ ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, କବି, ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଏହି ଅବସରେ ବହି ଷ୍ଟିଲ ଗୁଡିକରେ ପ୍ରବଳ ଜନସମାଗମ ହୋଇଥିଲା। ସମ୍ବଲପୁରୀ ସାହିତ୍ୟର ବ୍ୟାପକ ପ୍ରସାର ପ୍ରଚାର ପାଇଁ ବହିହାଟ୍ ଏକ ଉପଯୁକ୍ତ ମାଧ୍ୟମ ବୋଲି ବିଶିଷ୍ଟ ସାହିତ୍ୟିକ, ଗବେଷକ ମତବ୍ୟକ୍ତ କରୁଥିଲେ। ଆଜି ଦ୍ୱିତୀୟ ଦିବସରେ ପ୍ରଥମେ ପ୍ରବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲମ ପରିବାର ସମ୍ପାଦକ କ୍ଷେତ୍ରମଣି ବିଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୋଚକ ଭିବେ ବିଶିଷ୍ଟ ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇ, ବିଶିଷ୍ଟ ସାହିତ୍ୟିକ ମୋହନ କୁମାର ସାହୁ, କଲମ ସହ ସମ୍ପାଦକ ସୁହଂସ ଭୋଇ ଯୋଗଦାନ କରି ପ୍ରବନ୍ଧ ଗୁଡିକର ସମୀକ୍ଷା କରି ର୍ତମାନ ସମ୍ବଲପୁରୀ ଭାଷାରେ ବହୁତ କମ ପ୍ରବନ୍ଧ ଲେଖା ହେଉଛି। ଏଭଳି ସ୍ଥିତିରେ ଆଜିର କାର୍ଯ୍ୟକ୍ରମ ଉତ୍ସାହଜନକ ଅଟେ। ବର୍ତମାନ ଲେଖକମାନେ ଯୁଗ ଉପଯୋଗୀ ଲେଖା ସୃଷ୍ଟି କଲେ ଆମ ଭାଷା ସାହିତ୍ୟ ଆହୁରି ଅଧିକ ଆଗେଇ ପାରିବ। ୭୫ ବର୍ଷ ତଳେ ଖଗେଶ୍ୱର ସେଠଙ୍କ ଦାରା



ଆଧୁନିକ କବିତା ପର୍ଚ୍ଚା ସତୀର ଭାବ ଓ ଭାଷାର ସ୍ତରକୁ ଆମେଁ ଆଜି ପର୍ଯ୍ୟନ୍ତ ହଞ୍ଚି ପାରିନାହୁଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିବା ସହ କଲମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଭଳି ଆହୁରି କାର୍ଯ୍ୟକ୍ରମ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ପ୍ରବନ୍ଧ ପାଠ କାର୍ଯ୍ୟକ୍ରମରେ ଡ. ସୁଧାଂଶୁ ଭୂଷଣ ଷଣ୍ଢ ସମ୍ବଲପୁର, ସମ୍ବିଧାନର ଅଷ୍ଟମ ସୂଚୀ ଦିଗରେ ସମ୍ବଲପୁରୀ ଭାଷା, ବରଗଡ଼ର ସାଗରରିକା ପାଣିଗ୍ରାହୀ, ସମ୍ବଲପୁରୀ କଥା ସାହିତ୍ୟ, ବରଗଡ଼ର ଲୋକନାଥ ନାଗଙ୍କ ଦ୍ୱାରା ସମ୍ବଲପୁରୀ ସାହିତ୍ୟଥି ସମାଜବାଦ, ସୁନ୍ଦରଗଡ଼ର ଫିରୋଜ ପଟେଲଙ୍କ ଦ୍ୱାରା ସମ୍ବଲପୁରୀ ସାହିତ୍ୟଥି ନାରିବାଦୀ କବିତା ଏବଂ ବରଗଡ଼ର ବୃନ୍ଦାବନ ପ୍ରଧାନ ସାମାଜିକ ଗଣମାଧ୍ୟମ ନେ ସମ୍ବଲପୁରୀ ସାହିତ୍ୟ ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ତଥା ଝାରସୁଗୁଡାରୁ ଆସିବା ପ୍ରାଯ ୮୦ ଜଣ କବି ଉପସ୍ଥିତ ରହି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ମୋହିନୀ ହୋତା, ଅନନ୍ୟା ବେହେରା, ତରଣିସେନ ମେହେର ଓ ଫିରୋଜ ପଟେଲ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଗତକାଲି ଅନୁଷ୍ଠିତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମର ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀ ଅଲିମା ସେଠ, ନିକିତା ଥାପା, ଚିନ୍ମୟୀ ସାହୁ, ଚିରଞ୍ଜିବୀ ପ୍ରଧାନ, ସାହିଲ ପ୍ରଧାନ ଏବଂ ଶୁଭମ ସାହୁଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ କବି ଓ କବୟିତ୍ରୀଙ୍କୁ ତହଁକ୍ ପତର୍ ପ୍ରଦାନ କରାଯାଇଥିଲା। ଶେଷରେ ଆଆହକ ତଫିଜୁଲ ହୋସେନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରବନ୍ଧ ପାଠକୁ ସତ୍ୟନାରାୟଣ ଠାକୁର ସଂଯୋଜନା କରିଥିଲେ।ଗରିବ ଶ୍ରେଣୀର ଅଟନ୍ତି। ତେବେ ବର୍ଷା ଯୋଗୁଁ ବହୁ ଲୋକଙ୍କ ଘର ରେ ଛତା ଟିଏ ମଧ୍ୟ ନାହିଁ ଟେଣୁ ଆଜି ଅନୁଷ୍ଠାନ ତରଫରୁ ତାହାକୁ ଦେଖି ଆଜି ସେବା ଅନୁଷ୍ଠାନ ର ସଭାପତି ବର୍ଷା ମାସ ପ୍ରଥମରୁ ଲୋକଙ୍କୁ ରେନୀକୋଟ ବଣ୍ଟନ କରିଛନ୍ତି। ବର୍ଷା ହେବା ପୂର୍ବରୁ ଲୋକେ ସେହି ରେନୀକୋଟ ସାହାଯ୍ୟରେ ବର୍ଷା ସମୟ ରେ ଯାଇ ଆସି ପାରିବେ। ଏହି କାର୍ଯ୍ୟକ୍ରମ ରେ ସେବା ଅନୁଷ୍ଠାନର କୋଷାଧକ୍ଷ ବାବଲୁ ଚାନ୍ଦ, ବୁଧୁ ପାତ୍ର, ପ୍ରେମରାଜ ମେହେର, ଆର୍ତ୍ତ ମିଶ୍ର, ସିଗ୍ଧିଧା ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ

# ରେଙ୍ଗାଲି ବିଧାୟକଙ୍କ ଭାତୃ ବିୟୋଗ

**ବୁର୍ଲା ୩୦।୬(ସମିସ):** ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ସାନ ଭାଇ ଭଗବାନ ହରିପାଲ (୩୬)ଙ୍କ ପରଲୋକ ଘଟିଛି। ଭଗବାନ ଦୀର୍ଘ ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଥିଲେ। ବ୍ରେନ୍ ଟିବି ଚିହ୍ନଟ ହେବା ପରେ ତାଙ୍କୁ ଭୁବନେଶ୍ୱର ଆପଲୋ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ଅସ୍ତ୍ରୋପଚାର କରାଯାଇଥିଲା। ତେବେ ଆଜି ରାତ୍ରି ୮ଟା ୩୦ ସମୟରେ ଚିକିତ୍ସାଧିନ ଅବସ୍ଥାରେ ଭଗବାନଙ୍କ ପରଲୋକ ଘଟିଛି। ତେବେ ପରଲୋକ ପରେ ତାଙ୍କର ମରଶରୀରକୁ ଗୋଶାଳା ଅଣାଯାଉଥିବା ସୂଚନା ମିଳିଛି। ତେବେ ଭାଇଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବା ପରେ ବିଧାୟକ ସୁଦର୍ଶନ ନିଜେ ଭୁବନେଶ୍ୱରର ଦୀର୍ଘ ଦିନ ହେବା ଭାଇଙ୍କ ସାଙ୍ଗରେ ଥିଲେ। ତେବେ ଭଗବାନଙ୍କ ଏକ ଛୋଟ ପୁଅ ମଧ୍ୟ ଅଛନ୍ତି। ଏହି ଖବର ଆସିବା ପରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଶୋକର ଛାୟା ଖେଳିଯାଇଛି।

# ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

**ସମ୍ବଲପୁର, ୩୦।୬(ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ପିଲାଙ୍କ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଦ୍ୱାଦଶ ସପ୍ତାହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଲାଇବ୍ରେରିର ନିଜସ୍ୱ ପ୍ରେକ୍ଷାଳୟରେ ସମାପିତ ହୋଇଯାଇଛି। ପ୍ରଥମ ଅଧିବେଶନ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ଶ୍ରମର ମହତ୍ତ୍ୱ ଉପର ଆଲୋଚନା ଆରମ୍ଭ କରି ସମାଜସେବୀ ତଥା ଚାଷୀ ନେତା ସରୋଜ ମହାନ୍ତି, ଶ୍ରମର ପ୍ରକାର ଭେଦ ଓ ଆମେ ଉପଭୋଗ କରୁଥିବା ସବୁ ଜିନିଷରେ ଶ୍ରମିକର ଶ୍ରମ କିପରି ଅନ୍ତର୍ନିହିତ ଅଛି ବିଭିନ୍ନ ଉଦାହରଣ ସହ ବୁଝେଇ ପିଲାଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ଶ୍ରମ ହିଁ ଜୀବନ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନ ପ୍ରଯୁକ୍ତି ବିଜ୍ଞାନ ପ୍ରସଙ୍ଗ କ୍ରମେ ମୁହଁ, ନଖ ଓ ବାଳର ଯତ୍ନ ଉପରେ ଆଲୋକପାତ କରିଥିଲେ। ଭୀମସାର ବୁର୍ଲାର ଶରୀର ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡା.ଶତରୁପା ଦାଶ, ସ୍ୱାସ୍ଥ୍ୟବାନ ଓ ନିରୋଗ ହେବାକୁ କହି ବିଭିନ୍ନ ଉଦାହରଣ ମାଧ୍ୟମରେ ପୁଅ ଝିଅ ମାନେ କିପରି ସହଜରେ ଘରେ ନିଜର ମୁହଁ, ନଖ, ବାଳ ଓ ଚର୍ମ ର ଉପଯୁକ୍ତ ଯତ୍ନନେଇ ପାରିବେ ସେ ବିଷୟରେ ପିଲାଙ୍କୁ ଅବଗତ କରିଥିଲେ। ଦ୍ୱାଦଶ ସପ୍ତାହ ପରେ ପିଲାମାନେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ କିପରି ଗ୍ରହଣ କରୁଛନ୍ତି ତାର ସମୀକ୍ଷା ପାଇଁ ଏକ ଫିଡବେକ ପିଲାଙ୍କ ଠାରୁ ନିଆଯାଇଥିଲା। ଶିବିରରେ ପିଲାଙ୍କୁ ଉତ୍ସାହିତ କରବାପାଇଁ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ଡ. ଗିରିଧାରୀ ହୋତା, ଡ. ନିରୂପମା ବଡ଼ପଣ୍ଡା, ଡା. ଜୟଦେବ ମେହେର, ଅର୍ଜୁନ ରଞ୍ଜନ ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ମନୋଜ କୁମାର ଧର, ଗୋଲକ ବିହାରୀ ମିଶ୍ରଙ୍କ ସମେତ ଅନେକ ଅବିଭାବକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଞ୍ଚାଳକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ଥିବା ବେଳେ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ସଭା ଶେଷ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିର ରେ ୧୫ ଟି ହାଇସ୍କୁଲ ରୁ ୫୩ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏର ଚତୁର୍ଥ ବ୍ୟାଚ୍‌ର ଶୁଭାରମ୍ଭ

# ନାମ ଲେଖାଇଲେ କର୍ମଜୀବୀ ପ୍ରଫେସନାଲ୍, ଦୁବାଇ ଓ ସିଙ୍ଗାପୁରର ପ୍ରବାସୀ ଭାରତୀୟ

**ବୁର୍ଲା, ୩୦।୬(ସମିସ):** ଦେଶର ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ୍ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଏହାର ଏକ୍‌ଜିକ୍ୟୁଟିଭ୍ ଏମବିଏ (୨୦୨୪-୨୬)ର ଚତୁର୍ଥ ବ୍ୟାଚ୍ ପାଇଁ ହାଇବ୍ରିଡ୍ ଫର୍ମାଟରେ ଦୁଇଦିନିଆ ଉଦ୍‌ଘାଟନ ଓ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଙ୍ଗାପୁର ଏବଂ ଦୁବାଇର ପ୍ରବାସୀ ଭାରତୀୟ (ଏନଆରଆଇ) କର୍ମଜୀବୀ ପ୍ରଫେସନାଲ୍‌ମାନେ ମଧ୍ୟ ସାମିଲ ହୋଇଛନ୍ତି ଯେଉଁମାନେ ଶ୍ରେଣୀରେ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଏବଂ ବିଶ୍ୱସ୍ତରୀୟ ଅଭିଜ୍ଞତା ଆଣିଛନ୍ତି। ଦୁଇ ବର୍ଷିଆ ଡିଗ୍ରୀ ପ୍ରୋଗ୍ରାମ ୪୧ ଜଣ ଏକ୍‌ଜିକ୍ୟୁଟିଭ୍‌ଙ୍କୁ ନେଇ ଆରମ୍ଭ ହୋଇଥିଲା ଯେଉଁଥିରେ ପ୍ରାୟ ଛାତ୍ରଛାତ୍ରୀମାନଙ୍କ ୮ ବର୍ଷ ପର୍ଯ୍ୟନ୍ତର ପ୍ରଭାବଶାଳୀ ଏବଂ ବିବିଧ ଶିଳ୍ପ ଅଭିଜ୍ଞତା ରହିଥିଲା। ହିଣ୍ଡାଲ୍‌କୋ, ଟିସିଏସ୍, ଇନଫୋସିସ୍, ଷ୍ଟେଟ୍ ବ୍ୟାଙ୍କ, ଆମାଜନ, ଆକ୍ସେଂଚର, ଟାଟା ପାୱାର, ଏନଟିପି, ନୋକିଆ, ମ୍ୟାଗନସ୍ ଏବଂ ଆଇସିଆଇସିଆଇ ଭଳି ବହୁ ବହୁରାଷ୍ଟ୍ରୀୟ କମ୍ପାନିର ପ୍ରାର୍ଥୀମାନେ ସେଥିରେ ଅଂଶଗ୍ରହଣ କରିଛନ୍ତି। ତାହା ବିବିଧତା ଜ୍ଞାନ, ଅଭିନବ ଚିନ୍ତାଧାରା, ସର୍ବୋତ୍ତମ ଅଭ୍ୟାସ ଏବଂ ନୂତନ ପଦ୍ଧତିର ସମୃଦ୍ଧ ଆଦାନ ପ୍ରଦାନକୁ ସୁନିଶ୍ଚିତ କରିଥିଲା ଯାହା ମିଳିତ ଅଧ୍ୟୟନକୁ ସହଜ କରିବା ସହ ପାରସ୍ପରିକ ଅଭିବୃଦ୍ଧିକୁ ସକ୍ଷମ କରିଥିଲା ଏବଂ ଶ୍ରେଣୀଗୃହରେ ବିଶ୍ୱବ୍ୟାପୀ ଅଭିଜ୍ଞତାକୁ ସକ୍ଷମ କରିଥିଲା। ଉଦଘାଟନୀ ଉତ୍ସବରେ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା



ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ର ସିଇଓ ପ୍ରବୀଣ ବର୍ମାଙ୍କ ସମେତ ବିଶିଷ୍ଟ ଶିଳ୍ପପତିମାନେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦ କମ୍ପ୍ଲେକ୍ସର ଯୁଗ୍ମ ସଭାପତି ଦେବାଶିଷ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ୍ ତାଙ୍କ ଅଭିଭାଷଣରେ ଚତୁର୍ଥ ବ୍ୟାଚର ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ଆଇଆଇଏମ୍ ସମ୍ବଲପୁରରେ ଉଦ୍ୟୋଗୀ ମାନସିକତା ଥିବା ଦାୟିତ୍ୱସମ୍ପନ୍ନ ଲିଡରମାନଙ୍କୁ ପ୍ରୋତ୍ସାହିତ କରିବାରେ ଶ୍ରେଷ୍ଠତାର ପ୍ରତୀକ ହେବା ଆମର ଲକ୍ଷ୍ୟ ବୋଲି କହିଥିଲେ।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ

# ଅନନ୍ୟ ବ୍ୟକ୍ତିତ୍ୱ ଧରଣୀଧର ପ୍ରଧାନ




**ସମ୍ବଲପୁର, ୩୦।୬(ସମିସ):** କବି, ଲେଖକ ତଥା ଆଦର୍ଶ ଶିକ୍ଷକ ଧରଣୀଧର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ କୁଲୁଥକାନୀ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ହୋଇଯାଇଛି। ରବୀନ୍ଦ୍ର ପଣ୍ଡାଙ୍କ ଗୁରୁ ବନ୍ଦନା କରିଥିଲେ। କୁଲୁଥକାନୀ ବରିଷ୍ଠ ନାଗରିକ କମିଟି ସଦସ୍ୟ, ଚଷା ସମାଜର ସଦସ୍ୟ ତଥା ସହରର ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସମ୍ବଲପୁର ଜିଲ୍ଲାସ୍କୁଲର ଅନେକ ଶିକ୍ଷକ ଧରଣୀ ସାର୍ ଙ୍କ ସ୍ମୃତି ଚାରଣ କରିଥିଲେ। ବିଶିଷ୍ଟ ନାଟ୍ୟବିଦ, ଲେଖକ ଦ୍ୱାରିକାନାଥ ନାୟକ ପ୍ରଧାନଙ୍କର ଓଡିଆ ସାହିତ୍ୟରେ ଥିବା ଗଭୀର ଦକ୍ଷତା ବିଷୟରେ କହିଥିବା ବେଳେ ଆକାଶବାଣୀ ସମ୍ବଲପୁରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ ନାଟକ ଉପରେ ଆଲୋକପାତ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଦୋଳଗୋବିନ୍ଦ ସାହୁ, ହୃଷିକେଶ ମେହେର ତାଙ୍କର ନୀତି, ଆଦର୍ଶ ଓ ଅନୁଶାସନ କିପରି ତାଙ୍କୁ ଛାତ୍ର, ଶିକ୍ଷକ ତଥା ଅଭିଭାବକ ମହଲରେ ଜଣେ ଆଦର୍ଶ ଶିକ୍ଷକର ପରିଚୟ ଦେଇଥିଲା ସେ ବିଷୟରେ କହିଥିଲେ। ବରିଷ୍ଠ ନାଗରିକ ସଚ୍ଚିଦାନନ୍ଦ ପ୍ରଧାନ କବିତା ମାଧ୍ୟମରେ ତାଙ୍କର ସ୍ମୃତି ଚାରଣ କରିଥିଲେ। ଛାତ୍ର ସୂର୍ଯ୍ୟ ପାଣିଗ୍ରାହୀ, ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଗୁରୁଙ୍କ ସମ୍ପର୍କରେ କହିବାକୁ ଯାଇ ନିଜର ଛାତ୍ର ସମୟର କଥା କହିଥିଲେ। କାର୍ତ୍ତିକ ମେହେର କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲାବେଳେ ଅରବିନ୍ଦ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅରୁପ ସିଂ, ଜ୍ୟୋତି, ଆଜାଦ ଶେଖର ପ୍ରମୂଖ ପରିଚାଳନା ରେ ସହଯୋଗ କରିଥିଲେ।


